

ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାଟୋ ପକ୍ଷରୁ ରାଜ୍ୟସ୍ତରୀୟ ଆର୍ଟିଷ୍ଟ କର୍ମଶାଳା, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା।
- ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ରାଜ୍ୟପାଳ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଶବରୀ ଟ୍ରଷ୍ଟ ପକ୍ଷରୁ ଶବରୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**
- ସାହିତ୍ୟ ଅନୁଷ୍ଠାନ 'ସତୀର୍ଥ' ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ନିମାପଡ଼ା**
- ସାଇନିଳୟ ଟ୍ରଷ୍ଟ ପକ୍ଷରୁ ସାଇବାବା ମନ୍ଦିରର ବାର୍ଷିକ ଉତ୍ସବ ଓ ମୁଖପତ୍ର ଲୋକାର୍ପଣ, ନିମାପଡ଼ା ବଜାର ସାଇମନ୍ଦିର ପରିସର, ଅପରାହ୍ନ ୫ଟା।

**ବାଲିପାଟଣା**
- ବନମାଳିପୁର ଦଶଟିପାଟଣାରେ ଅଷ୍ଟମପ୍ରହର ନାମଯଜ୍ଞ, ବନମାଳିପୁର, ପ୍ରାତଃ ୫ଟା।

## ଲାଞ୍ଚ: ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଗିରଫ

**ନିମାପଡ଼ା,୩୧।୭(ଡି.ଏନ୍.ଏ.):** ନିମାପଡ଼ା ତହସିଲ ନହନ୍ତରା ରାଜସ୍ୱ ସର୍କଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକ(ଏ.ଆର.ଆଇ.) ଦିଲୀପ କୁମାର ଜେନା ୪ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏହା ସହ ତାଙ୍କଠାରୁ ୪ହଜାର ଲାଞ୍ଚ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ଉହାଙ୍ଗ ଗ୍ରାମର ମନୋଜ କମାର ଭୋଇ ସରକାରୀ ଜମିକୁ ମଡ଼ାଇ ଗୃହ ନିର୍ମାଣ କରୁଥିଲେ। ମନୋଜଙ୍କୁ ସରକାରୀ ଜମିରୁ ଉଚ୍ଛେଦ ନ କରିବା ଓ ତାଙ୍କ ସପକ୍ଷରେ ରିପୋର୍ଟ ପ୍ରଦାନ ପାଇଁ ଏ.ଆର.ଆଇ. ଜେନା ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ଭିଜିଲାନ୍ସ ଅଧିକାରୀଙ୍କ ଠାରୁ ଜଣାପଡିଛି। ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ବ୍ରହ୍ମପୁରରେ ରେଲୱେ ଡିଭିଜନ ପ୍ରତିଷ୍ଠା ମାମଲା
## ପଦକ୍ଷେପ ନେବାକୁ ବୋର୍ଡ ସଚିବଙ୍କୁ ନିର୍ଦ୍ଦେଶ

**କଟକ ଅଫିସ,୩୧।୭:** ବ୍ରହ୍ମପୁରରେ ଏକ ନୂତନ ରେଲୱେ ଡିଭିଜନ ପ୍ରତିଷ୍ଠା ପାଇଁ ହାଇକୋର୍ଟରେ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ. ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଆସନ୍ତା ୩ମାସ ମଧ୍ୟରେ ପଦକ୍ଷେପ ନେବାକୁ ରେଲୱେ ବୋର୍ଡ଼ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ବ୍ରହ୍ମପୁର ରେଲୱେ ଷ୍ଟେଶନ ଦେଇ ପ୍ରତ୍ୟହ ୭୩ଟି ଯାତ୍ରୀବାହୀ ଟ୍ରେନ ଓ ୧୦୦ରୁ ଅଧିକ ମାଲବାହୀ ଟ୍ରେନ୍ ଯାତାୟାତ କରିଥାଏ। ଏହି ଷ୍ଟେଶନରୁ ରେଲୱେକୁ ଦ୍ୱିତୀୟ ସର୍ବାଧିକ ରାଜସ୍ୱ ମିଳିଥାଏ। ଗଞ୍ଜାମ, ଗଜପତି, କନ୍ଧମାଳ ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ଲକ୍ଷାଧିକ ଯାତ୍ରୀ ଏବଂ ଛାତ୍ରୀଛାତ୍ର ଉକ୍ତ ଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ଏଣୁ ବ୍ରହ୍ମପୁରରେ ନୂତନ ରେଲୱେ ଡିଭିଜନ ପ୍ରତିଷ୍ଠା ପାଇଁ ପିଟିଶନରେ ଉଲ୍ଲେଖ କରାଯାଇଛି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବ୍ରହ୍ମଗିରି,୩୧।୭(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ବରୁଡି ଗ୍ରାମରେ ବୁଧବାର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଭୀମ ସାହୁ। ସେ ଗାଧେଇବା ପାଇଁ ଗ୍ରାମ ନିକଟସ୍ଥ ପୋଖରୀକୁ ଯାଇଥିଲେ। ସୂର୍ଯ୍ୟଙ୍କୁ ନମସ୍କାର କରିବା ବେଳେ ହଠାତ୍ ପାଣିରେ ପଡିଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାର ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ ତାହା ଆସି ନ ଥିଲା। ବିଳମ୍ବରେ ତାଙ୍କୁ ଏକ ଅଟୋରେ ଚିକିତ୍ସା ପାଇଁ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରେ ପରେ ପୁରୀ ସଦର ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ସ୍ଥାନୀୟ ବାସିନ୍ଦା ଟାୟାର ଜାଳି ରସୁଲଗଡ଼ ଛକରେ ଜାତୀୟ ରାଜପଥ ଅବରୋଧ କରୁଛନ୍ତି।



ଆନ୍ଦୋଳନକାରୀ ରାସ୍ତା ଉପରେ ଧାରଣାରେ ବସିଛନ୍ତି।

# ଆତଙ୍କର ସହର ଭୁବନେଶ୍ୱର

କମିଶନରେଟ ପୋଲିସ ଇଲାକାରେ ରହିଛି ରାଜଧାନୀ ଭୁବନେଶ୍ୱର। ଏଠି ସୁରକ୍ଷା ଅପହଞ୍ଚ, ଅପରାଧୀଙ୍କୁ ଛାଡ଼ି ପୋଲିସ ହେଲ୍‌ମେଟ୍‌ରେ ବ୍ୟସ୍ତ। ଉନ୍ନତ ଟେକ୍ନୋଲୋଜି, ଦକ୍ଷ ଅଧିକାରୀ ରହିଥିବା ସତ୍ତ୍ୱେ ସହରରେ ବଢ଼ି ଚାଲିଛି ହତ୍ୟା, ଲୁଟ୍ ପରି ଅପରାଧ। ବିଶେଷକରି ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଥିବାବେଳେ ପ୍ରତିଦିନ ପ୍ରତି ଥାନାଞ୍ଚଳରେ ଘଟୁଛି ଲୁଟ୍, ଚୋରି, ଡକାୟତି ଆଦି ଘଟଣା। ରାଜରାସ୍ତାଠାରୁ ଆରମ୍ଭ କରି କଲୋନୀ ଓ ଘରେ ଘଶି ଆତଙ୍କ ଖେଳାଉଛନ୍ତି ଲୁଟେରା। ପରିସ୍ଥିତି ଏପରି ହୋଇଛି ସତେଯେମିତି ଭୁବନେଶ୍ୱର ପାଲଟି ଯାଇଛି ଆତଙ୍କର ସହର। ମଙ୍ଗଳବାର ୨୧ ଘଣ୍ଟା ମଧ୍ୟରେ ୪ଟି ବଡ଼ ବଡ଼ ଲୁଟ୍ ଓ ଡକାୟତି ସହ ଏକାଧିକ ଛୋଟ ଘଟଣା ଘଟିବା ପରେ ସହରବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଉତ୍ୟକ୍ତ ଲୋକେ ସୁରକ୍ଷା ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ବୁଧବାର ରସୁଲଗଡ଼ ଛକରେ ଧାରଣା, ପୋଡ଼ାଜଳା ଓ ପୋଲିସ ବିରୋଧରେ ନାରାବାଜି ସହରର ଆଇନଶୃଙ୍ଖଳାକୁ ପଦାକୁ ପକାଇ ଦେଉଥିବାବେଳେ ଏହି ବାଟଦେଇ ଯାଉଥିବା ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ଏଣିକି ସତର୍କ ରହିବେ ବୋଲି କହୁଥିବା ଦେଖିବାକୁ ମିଳିଥିଲା।



ଆନ୍ଦୋଳନସ୍ଥଳରେ ପୋଲିସ କମିଶନର ସତ୍ୟଜିତ ମହନ୍ତି ଓ ଅନ୍ୟମାନେ।



ଜଳୁଥିବା ଟାୟାରରୁ ନିଆଁ ଲିଭାଉଛନ୍ତି ପୋଲିସ।

## ଲୁଟେରା, ନିଶା ମାଫିଆଙ୍କୁ ଧରାଇବେ ସ୍ଥାନୀୟ ଯୁବକ

୪ ଲୁଟ୍ ଓ ଡକାୟତି ଘଟଣାକୁ ନେଇ ଲୋକେ ରାସ୍ତାକୁ ଓହ୍ଲାଇବା ପରେ କମିଶନରେଟ ପୋଲିସର ନିଦ ହଜିଛି। ରସୁଲଗଡ଼ରେ ରାସ୍ତାରୋକୋ ଓ ପୋଡ଼ାଜଳାସ୍ଥଳରେ ପହଞ୍ଚି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଉତ୍ୟକ୍ତ ଲୋକଙ୍କୁ ବୁଝାଇବା ସହ ଆଲୋଚନା ପାଇଁ ଡାକିଥିଲେ। ସନ୍ଧ୍ୟାରେ ଡିସିପି କାର୍ଯ୍ୟାଳୟଠାରେ ସ୍ଥାନୀୟ ଅଞ୍ଚଳର ମୁରବି, ଯୁବକ ଓ ବରିଷ୍ଠ ନାଗରିକଙ୍କୁ ନେଇ ବୈଠକ ବସିଥିଲା। ଡିସିପି ଅନୁପ ସାହୁ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକେ କ୍ଷୋଭ ପ୍ରକାଶ କରିବା ସହ ନିଶା କାରବାର ଓ ଲୁଟ୍‌କୁ ନେଇ ନାନା ଅଭିଯୋଗ ଉଠାଇଥିଲେ। ପାଟ୍ରୋଲିଂ ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ବହୁ ସମୟ ଧରି ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପୋଲିସ ଲୋକଙ୍କ ସହଯୋଗ ଲୋଡ଼ିଥିଲା। ଅପରାଧୀ କିମ୍ବା କୌଣସି ଲୋକଙ୍କ ଉପରେ ସନ୍ଦେହ ହେଲେ ତୁରନ୍ତ ଜଣାଇବା ସହ ଯଦି କୌଣସି ଘଟଣା ଘଟୁଛି ତୁରନ୍ତ ଅଭିଯୁକ୍ତଙ୍କ ଗାଡ଼ି ନମ୍ବର କିମ୍ବା ଅନ୍ୟ କୌଣସି ସଂକ୍ରାନ୍ତରେ ପୋଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା। ତେବେ ଏ କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଉପସ୍ଥିତ ଯୁବକ ଓ ଅନ୍ୟମାନେ ସହମତି ଦେଇଥିଲେ। ଏ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ଛକ ଓ ଗଳି କନ୍ଦିରେ ପୋଲିସ ଚଢ଼ାଉ ସହ ଚେକିଂ ଚଳାଇଛି। ସ୍ଥାନୀୟ ଲୋକେ ଅଜଣା ଲୋକଙ୍କୁ ଚିହ୍ନଟ କରିବାରେ ପୋଲିସକୁ ସହଯୋଗ କରନ୍ତୁ। ଘଟଣା ଘଟିଲେ ତୁରନ୍ତ ସିଧାସଳଖ ପୋଲିସ କମିଶନରଙ୍କ ସିୟୁଜି ମୋବାଇଲ୍ ନଂ. ୮୨୮୦୩୩୮୩୦୦ରେ ସମ୍ପର୍କ କରି ଜଣାଇବାକୁ ପରାମର୍ଶ ଦେଇଛନ୍ତି।

**୮୨୮୦୩୩୮୩୦୦ରେ ଜଣାଇବାକୁ ପରାମର୍ଶ**

## ପିସ୍ତଲ, ପଲ୍‌ସର: ପୋଲିସ ଫେଲ୍

ମଙ୍ଗଳବାର ଘଟିଥିବା ୪ ଲୁଟ୍ ଓ ଡକାୟତି ଘଟଣାରେ ଗୋଟିଏ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ୨୪ ଘଣ୍ଟା ପରେ ପୋଲିସ ଟିକିଏ ବି ସୁରାକ ପାଇପାରି ନ ଥିବାବେଳେ ଲୁଟ୍ ଓ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ବୟାନକୁ ତର୍ଜମା କଲେ ଗୋଟିଏ ଗ୍ୟାଙ୍ଗ୍ ସମାନ ଗାଡ଼ି, ପିସ୍ତଲ, ଭୁଜାଲି ଆଦି ମାରଣାସ୍ତ୍ର ବ୍ୟବହାର କରିଥିବା ଜଣାପଡୁଛି। ଗାଡ଼କଣସ୍ଥିତ ଆଦିମାତା କଲୋନୀରେ ଘଟିଥିବା ଦୁଇଟି ଲୁଟ୍ ଓ ଡକାୟତି, ବାଇପାସ୍ ରୋଡ୍‌ରେ ବ୍ୟବହୃତ କାର୍ ଶୋ'ରୁମ୍ ମାଲିକ ଓ ଗ୍ରାହକଙ୍କୁ ଆକ୍ରମଣ କରି ଲୁଟ୍ ଏବଂ ରସୁଲଗଡ଼ ପାଲାମଣ୍ଡପ ନିକଟରେ ତୃପ୍ତି ହୋଟେଲ ମାଲିକଙ୍କୁ ଆକ୍ରମଣର ତରିକା ସମାନ ଥିବାବେଳେ ପୋଲିସ ଲୁଟେରା ଗ୍ୟାଙ୍ଗ୍‌କୁ ଠାବ କରି ନ ପାରିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

### ସିସିଟିଭି ଫୁଟେଜ, କଟୁରି, ଗାମୁଛା, ମୋବାଇଲ ଦେବ ସୁରାକ

ତୃପ୍ତି ହୋଟେଲ ମାଲିକ ବୁଲୁ ସାମନ୍ତରାୟଙ୍କୁ ଆକ୍ରମଣ ଓ ଲୁଟ୍ ପରେ ଲୁଟେରାମାନେ ଖସି ଯାଉଥିବାବେଳେ କଲୋନୀ ରାସ୍ତାରେ ଥିବା ହମ୍ପସରେ ଜଣଙ୍କର ମୋବାଇଲ ଫୋନ୍ ଖସିପଡିଥିଲା। ସେହିଭଳି ଆକ୍ରମଣ ସମୟରେ ପରିବାର ସଦସ୍ୟ ଓ ପଡୋଶୀମାନେ ଠେଙ୍ଗାବାଡ଼ି, ଚେୟାର ଫିଙ୍ଗିବାରୁ ଲୁଟେରାମାନେ ଏକ କଟୁରି, ଗାମୁଛା ଓ ଅନ୍ୟ କେତେକ ଜିନିଷ ଛାଡ଼ି ପଳାଇଥିଲେ। ଏସବୁକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ଲୁଟେରାମାନେ ମୁହଁରେ କପଡ଼ା ବାନ୍ଧି ଘଟଣା ଘଟାଉଥିଲେ। ତେବେ ରସୁଲଗଡ଼ ଘଟଣା ପରେ ସେମାନେ ରାସ୍ତାରେ ଯାଉଥିବାବେଳେ ଜଣଙ୍କର ମୁହଁ ଖୋଲାଥିଲା। ଜଣେ ବ୍ୟକ୍ତିଙ୍କ ଘର ବାହାରେ ଲାଗିଥିବା ସିସିଟିଭିରେ ଏହି ଦୃଶ୍ୟ କଏଦ ହୋଇଛି। ପୋଲିସ ଏସବୁ ସହ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାକୁ ଉଦ୍ୟମ ଚଳାଇଛି।

### ବେକାର ଶିକ୍ଷିତ ଯୁବକଙ୍କ ହାତରେ ବନ୍ଧୁକ



ସମସ୍ୟାର ମୂଳକାରଣ କେହି ଖୋଜିବାକୁ ଚାହୁଁନାହାନ୍ତି। ରସୁଲଗଡ଼ ଥାନାଞ୍ଚଳରେ ବହୁ ଶିକ୍ଷିତ ବେକାର ଯୁବକ ଭଡାରେ ରହୁଛନ୍ତି। ସେମାନେ ନିଶାଦ୍ରବ୍ୟଠାରୁ ଆରମ୍ଭ କରି ବିଭିନ୍ନ ଅପରାଧରେ କ୍ରମଶ ସାମିଲ ହୋଇଯାଉଛନ୍ତି। ଗତ କିଛିଦିନ ହେବ ରାଜ୍ୟ ବହାରର ପିଲାଙ୍କ ସଂଖ୍ୟା ମଧ ବଢ଼ି ଚାଲିଛି। ଅପରାଧୀ ଗୋଷ୍ଠୀ ଏମାନଙ୍କ ହାସ୍ତରେ ପିସ୍ତଲ ଧରାଇ ଲୁଟ୍‌ପାଟ ଓ ଡକାୟତିରେ ସାମିଲ କରୁଛନ୍ତି। କମିଶନରେଟ ପୋଲିସ ଏହାକୁ ଗୁରୁତ୍ୱର ସହ ନେବା ସହ ପଦକ୍ଷେପ ନେବା ଉଚିତ।

**- ନିତ୍ୟାନନ୍ଦ ସାହୁ, ଅବସରପ୍ରାପ୍ତ ଅଧାପକ, ରସୁଲଗଡ ନୂଆ**

## ଚେକିଂ: ପଲ୍‌ସର ଯାତ୍ରୀ ହଟହଟା

ଚୋରଗଲା ପରେ ବୁଦ୍ଧି ପଶେ। ଲୁଟ୍ ଘଟଣାକୁ ନେଇ ଲୋକେ ତାତିବା ପରେ ପୋଲିସ ବାଉଳା ହୋଇ ବୁଧବାର ଅପରାହ୍ନରୁ ବିଭିନ୍ନ ସ୍ଥାନରେ ଚେକିଂକୁ କଡାକଡି କରିଛି। ଲୁଟେରାମାନେ ପଲ୍‌ସରରେ ଲୁଟ୍‌ପାଟ କରୁଥିବାରୁ ପୋଲିସ ପଲ୍‌ସର ଗାଡି ଦେଖିଲେ ମାଡ଼ି ବସୁଥିଲା। ଅନ୍ୟଗାଡ଼ି ଅପେକ୍ଷା ପଲ୍‌ସର ଗାଡିରେ ଯାଉଥିବା ଲୋକଙ୍କୁ ବହୁ ସମୟ ଧରି ପଚରାଉଚରା ଓ କାଗଜପତ୍ର ଯାଞ୍ଚ କରିଥିଲା। କେତେକ ସ୍ଥାନରେ କେବଳ ପଲସର ବାଇକକୁ ଯାଞ୍ଚକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କେନାଲ ରୋଡ୍‌ରେ ଚେକିଂବେଳେ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ।



କେନାଲ ରୋଡ୍‌ରେ ଗାଡ଼ି ଚେକିଂ ଚାଲିଛି।

## ୪ ମାସରେ ୧୦୦ରୁ ଊର୍ଦ୍ଧ୍ୱ ଲୁଟ୍ ମାମଲା

କମିଶନରେଟ ପୋଲିସର ସୂଚନା ମୁତାବକ, ଏପ୍ରିଲରେ ୨୪, ମେ'ରେ ୨୭ଟି, ଜୁନ୍‌ରେ ୨୯ ଓ ଜୁଲାଇରେ ୨୫ରୁ ଊର୍ଦ୍ଧ୍ୱ ଲୁଟ୍ ମାମଲା ଭୁବନେଶ୍ୱରର ବିଭିନ୍ନ ଥାନାରେ ରୁଜୁ ହୋଇଛି। ପୋଲିସ ଅଳ୍ପକେତେଜଣ ଲୁଟେରାଙ୍କୁ ଧରି ବାହାବା ନେଉଥିବାବେଳେ ଅଧିକାଂଶ ଘଟଣାରେ ହାତ ଖାଲି ରହିଛି। ଅନ୍ୟପକ୍ଷରେ ଏହାବାଦ୍ ଆହୁରି ବହୁ ଲୁଟ୍ ଘଟଣା ସହରରେ ପ୍ରତିଦିନ ଘଟୁଛି। କିନ୍ତୁ ପୋଲିସ ଉପରେ ଭରସା ପାଉ ନ ଥିବାରୁ ଲୋକେ ବହୁ ଘଟଣାରେ ଥାନାରେ ଅଭିଯୋଗ କରି ନ ଥିବା ମଧ ଜଣାପଡିଛି।





ଏଚ୍‌ସିଜିର ନୂଆ ଡେ କ୍ୟାନସର କେୟାର ସେଣ୍ଟର ଉଦ୍‌ଘାଟନ ଅବସରରେ ଅତିଥି।

## ଏଚ୍‌ସିଜିର ନୂଆ ଡେ କ୍ୟାନସର କେୟାର ସେଣ୍ଟର

**ଭୁବନେଶ୍ୱର,୩୧-୭, (ବ୍ୟୁରୋ)**

ଏଚ୍‌ସିଜି ସୁପର ସ୍ପେଶିଆଲିଷ୍ଟ କ୍ୟାନସର ନିରାକରଣ ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର ଜୟଦେବ ବିହାରଠାରେ ନୂଆ ଡେ କ୍ୟାନସର କେୟାର ସେଣ୍ଟର ସ୍ଥାପନ କରାଯାଇଛି। କ୍ୟାନସର ରୋଗର ନିରାକରଣ ଲାଗି ଚିକିତ୍ସା ସୁବିଧା ସହଜରେ ଉପଲବ୍ଧ କରାଇବା ଲାଗି ଏଭଳି ସେଣ୍ଟର ପରିକଳ୍ପନା କରାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ନୂଆ ସେଣ୍ଟରକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ସେଣ୍ଟରରେ ଅଙ୍କୋଲୋଜି ବିଶେଷଜ୍ଞଙ୍କ ଦ୍ୱାରା ପରାମର୍ଶ ଏବଂ ଡାଇଗ୍ନୋଷ୍ଟିକ ସେବା ଯୋଗାଇ ଦିଆଯିବ। କ୍ୟାନସର ଚିହ୍ନଟ ଲାଗି ମାମୋଗ୍ରାଫି ଓ ପରୀକ୍ଷା ନିରୀକ୍ଷା ସୁବିଧା ଏଠାରେ ଉପଲବ୍ଧ। କ୍ୟାନସର ରୋଗୀଙ୍କୁ ଦିନ ସମୟରେ ଏଠାରେ କେମୋଥେରାପି ଦିଆଯାଇ ପାରିବ। ରାଜ୍ୟ ତଥା ରାଜ୍ୟ ବାହାରର ରୋଗୀମାନେ ଏହି ସେଣ୍ଟର ଦ୍ୱାରା ଉପକୃତ ହୋଇ ପାରିବେ ବୋଲି ନିର୍ଦ୍ଦେଶକ ଡ. କୃପାସିନ୍ଧୁ ପଣ୍ଡା ଏହି ଅବସରରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ଏଲ୍‌ଏ ସୁଶାନ୍ତ କୁମାର ରାଉତ, କର୍ପୋରେଟର ସଞ୍ଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀରେ ବ୍ରିଟିଶ ଅମଳର ହାତଚାଳିତ ଇଞ୍ଜିନ

- ପରିତ୍ୟକ୍ତ ଅବସ୍ଥାରେ ଥାଇ ବି ଲୁହାରେ ଲାଗିନି କଳଙ୍କି
- ଐତିହ୍ୟ କୀର୍ତ୍ତିରାଜିର ମାନ୍ୟତା ଦାବି
- ନେତାଜୀ ସଂଗ୍ରହାଳୟରେ ରଖାଯିବାକୁ ମତ

**ପୁରୀ ଅଫିସ, ୩୧।୭**

ପୁରୀ ସହରରେ ରହିଛି ବ୍ରିଟିଶ ଅମଳର ହାତଚାଳିତ ଇଞ୍ଜିନ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟ ଏକ ପରିତ୍ୟକ୍ତ ଘରେ ପଡ଼ିରହିଛି ଏହି ଐତିହାସିକ କୀର୍ତ୍ତିରାଜି। ସୋମବାର ଓଡ଼ିଶା ହାଇକୋର୍ଟ ଅତିଥି ଭବନ ଶିଳାନ୍ୟାସ ସମୟରେ ଏହା ନଜରକୁ ଆସିଛି। ବ୍ରିଟିଶମାନଙ୍କ ସଙ୍କେତ ସ୍ୱରୂପ ଏହି କୀର୍ତ୍ତିରାଜି ଆଜି ବି ଅକ୍ଷୁଣ୍ଣ ରହିଛି। ବ୍ରିଟିଶ ଅମଳର ଏହି ହାତ ତିଆରି ଇଞ୍ଜିନକୁ ନେଇ ଲୋକଙ୍କ ମଧ୍ୟରେ କୌତୂହଳ ଜାତ ହୋଇଛି। ଏ ସମ୍ପର୍କରେ ଜାଣିବା ପରେ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବୁଦ୍ଧିଜୀବୀ, ଗବେଷକମାନେ ଏହାକୁ ବୁଲି ଦେଖୁଥିବା ନଜରକୁ ଆସିଛି। ଦୀର୍ଘଦିନ ଧରି ଏହା ପରିତ୍ୟକ୍ତ ଅବସ୍ଥାରେ ରହିଥିଲେ ସୁଦ୍ଧା ଲୁହାରେ କଳଙ୍କି ଲାଗିନାହିଁ।

ସୂଚନା ଅନୁଯାୟୀ, ବ୍ରିଟିଶ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଓ ଗଭର୍ନରମାନେ ପୁରୀ ବୁଲି ଆସିବା ବେଳେ ରାଜଭବନରେ ବିଶ୍ରାମ କରୁଥିଲେ। ଗଭର୍ନରଙ୍କୁ ବିଦ୍ୟୁତ ଯୋଗାଇବା ଉଦ୍ଦେଶ୍ୟରେ ବ୍ରିଟିଶ ସରକାର ଏହି ହାତଚାଳିତ ଇଞ୍ଜିନ ବ୍ୟବସ୍ଥା ଆରମ୍ଭ କରିଥିଲେ। ବ୍ରିଟିଶ ରାଜତ୍ୱର ଅନ୍ତ ଘଟିଥିଲେ ମଧ ଏଠାରେ ଏହି ପୁରାତନ କୀର୍ତ୍ତିରାଜି ଶୋଭାବର୍ଦ୍ଧନ କରୁଛି। ଏହାକୁ ଐତିହ୍ୟର ମାନ୍ୟତା ଦେବା ଲାଗି ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଗବେଷକମାନେ ଦାବି କରିଛନ୍ତି। ସର୍ବୋଦୟ ନେତା ତଥା ଆଇନଜୀବୀ ଶିବପ୍ରସାଦ ମିଶ୍ର କହିଛନ୍ତି, ଏହା ପୁରୀ ପାଇଁ ଗୌରବ। ଏହାକୁ ନେତାଜୀ ସଂଗ୍ରହାଳୟରେ ସ୍ଥାନ ଦିଆଯାଉ। ଯଦ୍ୱାରା ସଂଗ୍ରହାଳୟକୁ ଆସୁଥିବା ପର୍ଯ୍ୟଟକ, ଗବେଷକ, ଯୁବପିଢି, ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ଅବଗତ ହୋଇପାରିବେ। ସେହିପରି ସାମାଜିକ କର୍ମୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ବ୍ରିଟିଶ ରାଜତ୍ୱ ସମୟରେ ନିର୍ମାଣ ହୋଇଥିବା ଏହି ହାତଚାଳିତ ଲୌହ ଇଞ୍ଜିନକୁ ସୁରକ୍ଷିତ ଭାବେ ରଖାଯିବା ଉଚିତ। ଆଗାମୀ ପୀଢି ଲାଗି ଏହା ବହୁ ଉପାଦେୟ ହେବ। ଯୁବପିଢି ଏହାର ଐତିହ୍ୟ ସମ୍ପର୍କରେ ଜାଣିବାକୁ ପାଇବେ। ତେବେ ଏହା କାହା ଅଧୀନରେ ରହିଛି, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଜିଇଡି ସଂସ୍ଥା ଅଧୀନରେ ରହିଥିବା କୁହାଯାଉଛି। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଏହାକୁ ଯତ୍ନର ସହ ସାଇତି ରଖିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ରିପୋର୍ଟ: ପ୍ରଭାତ ପାଣିଗ୍ରାହୀ**



ସଂଗ୍ରହାଳୟରେ ଥିବା ହାତ ଚାଳିତ ଇଞ୍ଜିନ।







ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ବିଏସ୍‌କେ ଯୋଜନାରେ ସହଯୋଗ କରିବେନି ଘରୋଇ ଡାକ୍ତରଖାନା

**ଭୁବନେଶ୍ୱର,୩୧।୭(ବ୍ୟୁରୋ):** ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ୍ ଫୋରମ୍‌ର ୭ମ ସାଧାରଣ ଅଧିବେଶନ ବୁଧବାର ଆଇଏମ୍‌ଏ ଭବନରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ଡା. ଅଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଉପସଭାପତି ଡା. ସୁବ୍ରତ ଜେନା, ସମ୍ପାଦକ ଡା. ଇନ୍ଦ୍ରମଣି ଜେନା, ଡା. ଦେବଦତ୍ତ ସାହୁ, ଡା. ରବୀନ୍ଦ୍ର ପ୍ରଧାନ, ଡା. ସୁରେଶ ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରି ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ନୂଆ ଡାକ୍ତରଖାନାଗୁଡ଼ିକର ପଞ୍ଜୀକରଣ ଓ ପୁରୁଣା ହସ୍ପିଟାଲଗୁଡ଼ିକର ନବୀକରଣରେ ସ୍ଥିତାବସ୍ଥା, ଘରୋଇ ଡାକ୍ତରଖାନାଗୁଡ଼ିକର ପଞ୍ଜୀକରଣରେ ଅବହେଳା, ଅଗ୍ନିଶମ ବିଭାଗର କଠିନ ନିୟମାବଳୀ, ବିଡିଏ ଓ ସିଡିଏର କାର୍ଯ୍ୟ ବିଳମ୍ବ ନେଇ ଆସୋସିଏଶନ୍ ଉଦ୍‌ବେଗ ପ୍ରକାଶ ପାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସରକାରଙ୍କ ଦେୟ ପରିମାଣ ନଗଣ୍ୟ ହୋଇଥିବା ବେଳେ ଦେୟ ବାବଦ ଅର୍ଥ ଓ ପୁରୁଣା ଯୋଜନା ବାବଦ ବହୁ ପରିମାଣର ଅର୍ଥ ବାକି ପଡ଼ିଛି। ତେଣୁ ଆଗକୁ ଏହି ଯୋଜନାରେ ସହଯୋଗ କରିହେବ ନାହିଁ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି। ରାଜ୍ୟରେ ୨ ହଜାରରୁ ଅଧିକ ଘରୋଇ ଡାକ୍ତରଖାନା ରାଜ୍ୟର ଦୁଇ ତୃତୀୟାଂଶ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ମାତ୍ର ଓଡ଼ିଶାରେ ବେସରକାରୀ ଚିକିତ୍ସକମାନଙ୍କ ସୁରକ୍ଷା ଓ ଅନ୍ୟ ବ୍ୟବସ୍ଥାବଳୀରେ ପାତରଅନ୍ତର କରାଯାଉଥିବା ନେଇ ଆସୋସିଏଶନ୍ ଅଭିଯୋଗ ଆଣିଥିଲା।

ଓୟୁଏଟିରେ ସମୀକ୍ଷା ବୈଠକ

### ଜଳବାୟୁକୁ ସୁହାଇଲା ଭଳି ବିହନ ସୃଷ୍ଟି କର



**ଭୁବନେଶ୍ୱର,୩୧।୭(ବ୍ୟୁରୋ):** ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି କାର୍ଯ୍ୟରେ ମଧ ତଦ୍‌ନୁଯାୟୀ ପରିବର୍ତ୍ତନ ଆଣିବା ଆବଶ୍ୟକ। ଗବେଷଣା ଦ୍ୱାରା ନୂଆ କିସମର ବିହନ ସୃଷ୍ଟି କରିବା ଓ ଏହାକୁ ବ୍ୟବହାର କରିବା ଦିଗରେ କୃଷକମାନଙ୍କୁ ପ୍ରବର୍ତ୍ତାଇବାର ଆବଶ୍ୟକ ରହିଛି। ଜଳବାୟୁକୁ ଖାପଖୁଆଇବା ଭଳି ବିହନ ଓ କମ୍ ଦିନରେ ଅମଳ ହୋଇପାରୁଥିବା ବିହନ ସୃଷ୍ଟି କରିବାକୁ ପଡ଼ିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୁଧବାର ସମୀକ୍ଷା ବୈଠକ ଓ ଅଧାପିକା ଅଧାପକମାନଙ୍କ ସହିତ ମତବିନିମୟ କରିବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି। କୃଷି କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟିର ସୁଯୋଗ ରହିଛି। ଯୁବପିଢ଼ି ଏହାର ସଦୁପଯୋଗ କଲେ ରାଜ୍ୟରେ ଅଧିକରୁ ଅଧିକ କୃଷି ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ ଏବଂ ନିଯୁକ୍ତି ସୁଯୋଗ ମଧ ବୃଦ୍ଧି ପାଇବ। ୨୦୦୦ ମସିହାଠାରୁ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ବହୁଗୁଣା ବୃଦ୍ଧି ପାଇଛି। ତେବେ ବଜାର ଚାହିଦାକୁ ଲକ୍ଷ୍ୟ କରି ଅଧିକ ପନିପରିବା, ଦୁଗ୍ଧ ଏବଂ ଅଣ୍ଡା ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ମନ୍ତ୍ରକୁ ଆଧାର କରି ନିଷ୍ଠାର ସହିତ କାର୍ଯ୍ୟ କଲେ ବିଶ୍ୱବିଦ୍ୟାଳୟ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ପବନ କୁମାର ଅଗ୍ରୱାଲ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ରାଜ୍ୟରେ କୃଷିର ବିକାଶରେ ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। କୃଷି ଓ ଖାଦ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍. ମୁଥୁ କୁମାର ବିଭିନ୍ନ ପରାମର୍ଶ ଦେଇଥିଲେ।

■ ଉବୁଟୁବୁ ସ୍ମାର୍ଟ ସିଟି ରାସ୍ତା

# ଲହଡ଼ି ଭାଙ୍ଗୁଛି ବର୍ଷାପାଣି

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ସ୍ମାର୍ଟ ସିଟି ରାଜଧାନୀରେ ଡ୍ରେନେଜ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏବେ ସହରବାସୀଙ୍କୁ ବର୍ଷାର ଭୟ ଘାରିଛି। ବୁଧବାର ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଲହଡି ଭାଙ୍ଗୁଥିଲା। ସହରରେ ୬୭ଟି ୱାର୍ଡରେ ମୋଟ ୬୫୦ କିମିର ଆଭ୍ୟନ୍ତରୀଣ ଡ୍ରେନ ଓ ୬୦ କିମିର ମୁଖ୍ୟ ଡ୍ରେନ ରହିଥିବା ବେଳେ ପୂର୍ତ୍ତ ବିଭାଗର ଅଳ୍ପ କିଛି ଡ୍ରେନ ଏଥିରେ ଅଛି। କିନ୍ତୁ ଅନ୍ୟସବୁ ଡ୍ରେନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନରେ ରହିଛି। ତା'ର ସମ୍ପ୍ରସାରଣଠାରୁ ଆରମ୍ଭ କରି ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ବିଏମ୍‌ସି ବହନ କରୁଛି। ହେଲେ ଏବେ ସେଗୁଡ଼ିକ ସହର ପାଇଁ ଅଭିଶାପ ପାଲଟିଯାଇଛି। ଠିକ୍ ଭାବେ ଡ୍ରେନ ସଫେଇ କରାଯାଉ ନ ଥିବା ବେଳେ ପଙ୍କ ଭର୍ତ୍ତି ଡ୍ରେନ୍ ପାଣି ଜାମ୍‌ର ମୁଖ୍ୟ କାରଣ ପାଲଟିଛି। ରାସ୍ତାର ଉଚ୍ଚତାଠାରୁ ଡ୍ରେନର ଉଚ୍ଚତା ଅଧିକ ଥିବାରୁ ସବୁ ପାଣି ରାସ୍ତାରେ ଜମି ରହୁଛି। ସବୁ ନାଳ ନର୍ଦ୍ଦମା ପାଣି ରାସ୍ତାରେ ଭାସିବା ଦ୍ୱାରା ଦୁର୍ଗନ୍ଧ ହେଉଛି। ସେହି ପଥ ଦେଇ ଯାଉଥିବା ଲୋକେ ନାକ ଟେକୁଛନ୍ତି। ରାସ୍ତାରେ ଯାତାୟାତ କରିବା ଏକ ପ୍ରକାର କଷ୍ଟସାଧ୍ୟ ହୋଇପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏହି ଖାମଖିଆଲି ମନୋଭାବ ଓ ଅବହେଳା ଲାଗି ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଜନପଥ ରାସ୍ତାରେ ଜମିରହିଥିବା ବର୍ଷାଜଳ।

■ ସ୍ୱାଭାବିକ ହୋଇପାରୁନି ଜଳ ନିଷ୍କାସନ

■ ବିଏମ୍‌ସି ଡ୍ରେନ୍ ସଫେଇ ପ୍ରହସନ

#### ଜନପଥରେ ବର୍ଷାପାଣି

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ଜନପଥକୁ ସ୍ମାର୍ଟ କରିବା ଲାଗି ଚେଷ୍ଟା ଚାଲିଛି। ହେଲେ ଅସରାଏ ବର୍ଷା ହେଲେ ସ୍ମାର୍ଟ ଜନପଥର ଜଳାର୍ଣ୍ଣବ ଦୃଶ୍ୟ ସାମ୍ନାକୁ ଆସୁଛି। ଡ୍ରେନ ଚ୍ୟାନେଲ ସଫା ନ ଥିବାରୁ ପାଣି ଦୀର୍ଘ ସମୟ ଧରି ଜମି ରହୁଛି, ଯାହାକି ଯାତାୟାତରେ ବାଧକ ସାଜିଛି। ବିଶେଷକରି ଜନପଥର ରାଜମହଲରୁ ମାଷ୍ଟର କ୍ୟାଣ୍ଟିନ ଓ ଗୁରୁଦ୍ୱାରା ଛକରେ ବର୍ଷାପାଣି ନିଷ୍କାସିତ ନ ହୋଇ ପାରି ୨ ଘଣ୍ଟା ଧରି ଜମି ରହିଥିବା ଦେଖିବାକୁ ମିଳିଥିଲା।

#### ଲକ୍ଷ୍ମୀସାଗର ଛକରେ ଭାସିଲା ନର୍ଦ୍ଦମାପାଣି

୩୦ ମିନିଟ୍‌ର ବର୍ଷାରେ ଡ୍ରେନରୁ ପାଣି ଓଲଟି ରାସ୍ତା ଉପରେ ଭାସିଲା। ଡ୍ରେନରେ ଥିବା ନର୍ଦ୍ଦମା ପାଣି ସହ ଥର୍ମାକୁଲ, ପ୍ଲାଷ୍ଟିକ୍ ଜରି ଓ ବିଭିନ୍ନ ଆବର୍ଜନା ରାସ୍ତାରେ ଜମି ରହିଲା। ପୁରୁଣା ଷ୍ଟେଶନ ବଜାରରୁ ଲକ୍ଷ୍ମୀସାଗର ଛକ ପର୍ଯ୍ୟନ୍ତ ରାସ୍ତା ନାଳ ପାଣିରେ ଭର୍ତ୍ତି ହୋଇ ରହିଥିଲା।

#### ବେହେରାସାହିରେ ଜମିଲା ପାଣି

ଦୀର୍ଘଦିନ ହେଲା ବେହେରାସାହିରେ ବର୍ଷାଜଳ ନିଷ୍କାସନ ଠିକ୍ ଭାବେ ହୋଇଯାଉଥିଲା। ହେଲେ ଇସ୍କନ ସମ୍ମୁଖରୁ ପାଣି ଜମିବା ସମସ୍ୟା ଦୂର କରିବାକୁ ସେଠାରେ ଥିବା ସାଇଫନ ମୁହଁକୁ ଭାଙ୍ଗି ଦିଆଯାଇଛି। ଫଳରେ ପାଣି ନିଷ୍କାସନ ହେଲା ସତ, କିନ୍ତୁ ଏବେ ତାହା ନୟାପଲ୍ଲୀ ବେହେରାସାହି ଅଞ୍ଚଳରେ ଜମିବା ଆରମ୍ଭ କରିଛି। ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏ ନେଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ଅଞ୍ଚଳର ବରିଷ୍ଠ ନାଗରିକ ରାମ ପ୍ରସାଦ ସ୍ୱାଇଁ କହିଛନ୍ତି।

#### ୨୩.୮ ମିମି ବର୍ଷା

ସାରା ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ବୁଧବାର ଭୁବନେଶ୍ୱରରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ମୋଟ ୨୩.୮ ମିମି ବର୍ଷା ହୋଇଥିବା ବେଳେ ଅନ୍ୟ ସ୍ଥାନରେ ବର୍ଷାର ପରିମାଣ ୨ ଅଙ୍କ ବି ଛୁଇଁପାରିନି। ଏବେ ବର୍ଷା ଆହୁରି ଅଧିକ ହେବାକୁ ଥିବା ବେଳେ ଭୁବନେଶ୍ୱରର ଡ୍ରେନଗୁଡ଼ିକର ଏପରି ସ୍ଥିତି ଏବେ ବିଏମ୍‌ସିର ଚିନ୍ତା ବଢାଇଛି।

ଲୋକଙ୍କ ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ

## ଫେସ୍‌ବୁକ, ଟୁଇଟରରେ କରିପାରିବେ ଅଭିଯୋଗ

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଜନସାଧାରଣଙ୍କୁ ଏବେ ସ୍ୱାସ୍ଥ୍ୟଜନିତ ସମସ୍ୟା ଜଣାଇବାକୁ ଏଣେତେଣେ ବୁଲିବାକୁ ପଡିବନି। ଏଣିକି ସୋସିଆଲ ମିଡିଆରେ ସ୍ୱାସ୍ଥ୍ୟ ସମ୍ପର୍କିତ ଅଭିଯୋଗ ହୋଇପାରିବ। ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କେତେକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଫେସ୍‌ବୁକ, ଟୁଇଟର ଭଳି ସୋସିଆଲ ମିଡିଆ ସହିତ ଯୋଡ଼ି ଦିଆଯାଇଛି। ସାଧାରଣ ଲୋକେ ଏହି ସୋସିଆଲ ମିଡିଆ ସାହାଯ୍ୟରେ ସରକାରୀ ସୁବିଧାଗୁଡ଼ିକୁ ସହଜରେ ପାଇପାରିବେ। ଏହି ପର୍ଯ୍ୟାୟରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ, ରକ୍ତ ସୁରକ୍ଷା ନିର୍ଦ୍ଦେଶାଳୟ, କଟକସ୍ଥିତ ଶିଶୁ ଭବନ ଓ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର ସୋସିଆଲ ମିଡିଆରେ ଯୋଡ଼ି ହୋଇଯାଇଛି। ଏହିସବୁ ସଂସ୍ଥାର ଟୁଇଟର ଓ ଫେସ୍‌ବୁକ ଆକାଉଣ୍ଟକୁ କୌଣସି ସାଧାରଣ ନାଗରିକ ବ୍ୟବହାର କରି ସେମାନଙ୍କର ଆପତ୍ତି ଅଭିଯୋଗ ଜଣାଇପାରିବେ କିମ୍ବା ପ୍ରସ୍ତାବ ଦେଇପାରିବେ।

କଟକସ୍ଥିତ ଏସ୍‌ସିବିର ଟୁଇଟର ଆକାଉଣ୍ଟ ଠିକଣା @Scbmchctc ହୋଇଥିବା ବେଳେ ଫେସ୍‌ବୁକ ଆକାଉଣ୍ଟ ଠିକଣା https://www.facebook.com/SCBMCHCTC ରହିଛି। ସେହିଭଳି କ୍ୟାପିଟାଲ ହସ୍ପିଟାଲର ଟୁଇଟର ଠିକଣା @CpitalHospital4 ରହିଥିବାବେଳେ ଫେସ୍‌ବୁକ ଆକାଉଣ୍ଟ ଠିକଣା https://www.facebook.com/capitalhospital.bhubaneswar ରହିଛି। ଅନୁରୂପ ଭାବେ ରକ୍ତ ସୁରକ୍ଷା ନିର୍ଦ୍ଦେଶାଳୟର ଟୁଇଟର ଠିକଣା @OdishaSbtc ରହିଥିବାବେଳେ ଫେସ୍‌ବୁକ ଆକାଉଣ୍ଟର ଠିକଣା ରହିଛି https://www.facebook.com/odishabloodsafety। ଶିଶୁ ଭବନର ଟୁଇଟର ଠିକଣା @svppgip ଥିବାବେଳେ ଏହାର ଫେସ୍‌ବୁକ ଆକାଉଣ୍ଟ ଠିକଣା ହେଉଛି https://www.facebook.com/sishubhawanctc। ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରର ଟୁଇଟର ଆକାଉଣ୍ଟ ଠିକଣା @AcharyaCancer ରହିଥିବାବେଳେ ଏହି ସଂସ୍ଥାର ଫେସ୍‌ବୁକ ଠିକଣା ହେଉଛି https://www.facebook.com/ahrccuttack ରହିଛି। ସେହିଭଳି ବୁର୍ଲାସ୍ଥିତ ଭିମ୍‌ସାର ଓ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷ ମଧ ତୁରନ୍ତ ସେମାନଙ୍କର ଟୁଇଟର ଓ ଫେସ୍‌ବୁକ ଭଳି ସୋସିଆଲ ମିଡିଆ ଆକାଉଣ୍ଟ କାର୍ଯ୍ୟକ୍ଷମ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଟୁଇଟର ଓ ଫେସ୍‌ବୁକ ଠିକଣାରେ ଲୋକଙ୍କଠାରୁ କୌଣସି ପ୍ରକାର ଆପତ୍ତି ଅଭିଯୋଗ ପାଇବା କ୍ଷଣି ତୁରନ୍ତ ତାହାର ସମାଧାନ ସହ ଆବଶ୍ୟକସ୍ଥଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଅନ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକ ସେମାନଙ୍କର ନିଜସ୍ୱ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିବା ପାଇଁ ମଧ କୁହାଯାଇଛି ।

■ ଶ୍ରୀଲିଙ୍ଗରାଜଙ୍କ ଜମିରେ ବେଆଇନ ନିର୍ମାଣ

## ୧୪୪ ଧାରାରେ କାର୍ଯ୍ୟ ବନ୍ଦ କଲା ପୋଲିସ

**ପୁରୁଣା ଭୁବନେଶ୍ୱର,୩୧।୭(ଡି.ଏନ.ଏ)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମାଲିକାନାରେ ନୂଆଗାଁ ମୌଜାରେ ଥିବା ୨.୦୭୦ ଏକର ଜମିରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲୁଥିଲା। କିଛି ବ୍ୟକ୍ତି ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଯୋଜନା କରିଥିଲେ। ହେଲେ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ୧୪୪ ଧାରାରେ ରହିତାଦେଶ ଲଗା ଯାଇଥିଲା। ବୁଧବାର ଘଟଣା ସାମନାକୁ ଆସିବା ପରେ ବିଭିନ୍ନ ବିଭାଗର ତନାଘନା ଆରମ୍ଭ ହୋଇଛି। ବୋର୍ଡ ପକ୍ଷରୁ ଆରଆଇ ଘଟଣା ସ୍ଥଳରେ ପହଞ୍ଚି ଜମି ମାପଚୁପ କରିଛନ୍ତି। ଏହାପରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଜମି କିସମ ମାଲିକାନା, ପରିମାଣ ଉପରେ ଏଡିଏମ ମନ୍ଦିର ଅଧିକାରୀ ଏବଂ ଅମିନଙ୍କଠାରୁ ପଚାରି ବୁଝାଇଥିଲେ। ପୂର୍ବାହ୍ନରେ ଧଉଳି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲା। ଆସନ୍ତା ୫ ତାରିଖ ଯାଏଁ ୧୪୪ ଧାରା ବଳବତ୍ତର ରହିବା ସହ କାର୍ଯ୍ୟ ବନ୍ଦ ରହିବ ବୋଲି ଆଇଆଇସି ବିଶ୍ୱଜିତ୍ ଜୟଦୀପ କହିଛନ୍ତି।



ବେଆଇନ ନିର୍ମାଣକୁ ତଦାରଖ କରୁଛନ୍ତି ଜଣେ ପୋଲିସ ଅଧିକାରୀ।

### କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସଭା

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିକ୍ଷକ-ଅଭିଭାବକ ସଭା ଅନୁଷ୍ଠିତ ହୋଇଯାଇଛି। ଏହାର ଚେୟାରମ୍ୟାନ ତଥା କିଟ୍‌ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନର ଛାତ୍ରୀଛାତ୍ରଙ୍କ ମାତାପିତା, ଅଭିଭାବକଙ୍କୁ ନେଇ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଭାବକମାନେ ନିଜର ମୂଲ୍ୟବାନ ମତାମତ ରଖିଥିଲେ। ଦ୍ୱାଦଶଶ୍ରେଣୀ ବାର୍ଷିକ ପରୀକ୍ଷାରେ ଛାତ୍ରୀଛାତ୍ର କିପରି ଭଲ ଫଳାଫଳ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଅନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ବିଦ୍ୟାଳୟରର ଶ୍ରେଷ୍ଠ ସ୍ଥାନ, ଉତ୍ତମ ଫଳାଫଳ, ସର୍ବଭାରତୀୟ ପ୍ରବେଶିକାରେ ସନ୍ତୋଷଜନକ ସଫଳତା ଭଳି ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଅଭିଭାବକଙ୍କୁ ସହଯୋଗମୂଳକ ଆଲୋଚନାକୁ ସ୍ୱାଗତ କରିଥିଲେ। ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପଠାଣି ସୁନ୍ଦର ମାନସିଂହ, ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

■ ଭିଲ୍ଲା ଛକ ଖୋଲା ଡ୍ରେନ୍‌ରେ ଭାସି ବୃଦ୍ଧାଙ୍କ ମୃତ୍ୟୁ ଘଟଣା

## ସ୍ଲାବ୍ ପକାଇଲା ବିଏମ୍‌ସି

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଜୟଦେବ ବିହାର ଭିଲ୍ଲା ଛକ ନିକଟ ଡ୍ରେନ୍‌ରେ ଗତ ଗୁରୁବାର ଭାସିଯାଇ ସାଲିଆସାହି ଆଦିବାସୀ ଗାଁର ଟି. ଆକାମ୍ମାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଉକ୍ତ ଡ୍ରେନରେ ସ୍ଲାବ୍ ପଡ଼ିଛି। ଡ୍ରେନର ଚତୁଃପାର୍ଶ୍ୱରେ ବାଉଁଶ ବନ୍ଧାଯିବା ନେଇ ଖବର ପ୍ରକାଶ ପାଇବା ପରେ ବିଏମ୍‌ସି ସେଠାରେ ସ୍ଲାବ ପକାଇବା କାମ ଆରମ୍ଭ କରିଛି। ଡ୍ରେନର ଆରମ୍ଭରୁ ୩୦ ମିଟର ଯାଏଁ ଏହି ସ୍ଲାବ ପଡ଼ିଥିବା ବେଳେ ସହରର ଅନ୍ୟ ଡ୍ରେନଗୁଡିକରେ ଖୁବ୍‌ଶୀଘ୍ର ଢାଙ୍କୁଣି ପଡ଼ିବ ବୋଲି ଜଣାପଡ଼ିଛି। ଏଥିସହ ରାସ୍ତାର ଦୁଇ ପାର୍ଶ୍ୱକୁ ସମାନ କରାଯାଇ ଯାତାୟାତ ଉପଯୋଗୀ କରାଯାଇଛି।

ସୂଚନାଥାଉ କି, ଉକ୍ତ ଡ୍ରେନ ଉପରେ ଢାଙ୍କୁଣି ପକାଇବାକୁ ବିଧାୟକ ସୁଶାନ୍ତ ରାଉତ ବିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିଥିଲେ। ପରେ ବିଏମ୍‌ସି ପକ୍ଷରୁ ସେଠାରେ ବାଉଁଶ ବନ୍ଧା ଯାଇଥିଲା। ଧରିତ୍ରୀରେ ଖବର ପ୍ରକାଶ ହେବା ପରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହାର ସ୍ଥାୟୀ ସମାଧାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ଏବେ ସହରର ପ୍ରତ୍ୟେକ ଡ୍ରେନରେ ସ୍ଲାବ୍ ପଡ଼ିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏଥିପାଇଁ ବିଏମ୍‌ସି ଖୋଲା ନାଳ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି। ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ଡ୍ରେନେଜ ବିଭାଗୀୟ ଇଞ୍ଜିନିୟର ପ୍ରଦୀପ ସାଗର ଦୁରିଆଙ୍କ ନେତୃତ୍ୱରେ ଏ ନେଇ କାର୍ଯ୍ୟ ଜାରି ରହିଛି। ସ୍ଲାବ୍ ପଡ଼ିବା ଲାଗି କେତେ କ'ଣ ଖର୍ଚ୍ଚ ହେବ ସେନେଇ ଏବେ ଆକଳନ କରାଯାଉଛି। ଅର୍ଥ ବ୍ୟୟ ବରାଦ ସ୍ଥିର କରାଯିବା ପରେ ବିଭାଗୀୟ କର୍ତ୍ତୃପକ୍ଷମାନେ ନାଳ ଉପରେ ସ୍ଲାବ ପକାଇବା ଆରମ୍ଭ କରିବେ ବୋଲି ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।



### ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ଅସହାୟ ମହିଳା

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ସ୍ୱାମୀ ପରିତ୍ୟକ୍ତା ଜଣେ ମହିଳା ମୁମ୍ବାଇରେ ନାନାଦି ଅତ୍ୟାଚାରର ଶିକାର ହେବା ପରେ ନ୍ୟାୟ ପାଇଁ ବୁଧବାର ଭୁବନେଶ୍ୱର ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ଜି.ଉଦୟଗିରି ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅତ୍ୟାଚାର କରି ଘରୁ ବାହାର କରିଦେଇଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ କାମ ଅନ୍ୱେଷଣରେ ମୁମ୍ବାଇ ବାହାରିଯାଇଥିଲେ। ମାତ୍ର ସେଠାରେ ଉତ୍ତରପ୍ରଦେଶ ଅଞ୍ଚଳର ଜଣେ ଦଲାଲଙ୍କ ହାବୁଡରେ ପଡିଯାଇଥିଲେ। ଉକ୍ତ ବ୍ୟକ୍ତି ଜଣକ ଚାଲାକର ସହ ତାଙ୍କୁ କୋର୍ଟରେ ବିବାହ କରିବା ପରେ ବିଭିନ୍ନ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଏପରିକି ତାଙ୍କୁ ଦେହ ବ୍ୟବସାୟରେ ଲିପ୍ତ ହେବା ପାଇଁ ବାଧ କରିଥିଲେ। ଏ ନେଇ ମହିଳା ଜଣଙ୍କ ଅରାଜି ହେବାରୁ ତାଙ୍କୁ ୨୫ ମହଲା ଉପରୁ ତଳକୁ ଠେଲି ଦେବାକୁ ଧମକ ଦେଇଥିଲେ। ଏପରିକି ମହିଳାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ତାଙ୍କଠାରୁ ଟଙ୍କା ସୁନା ରୁପା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ମୁମ୍ବାଇରେ ରହିଲେ ଜୀବନରେ ମାରିଦେବାକୁ ଧମକ ମଧ ଦେଇଥିଲେ। ଫଳରେ ମହିଳା ଜଣଙ୍କ ଓଡ଼ିଶା ଫେରିଆସିବା ସହ ନ୍ୟାୟ ପାଇବା ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

ପ୍ରଫେସର ପଦୋନ୍ନତିରେ ସଂରକ୍ଷଣ ମାମଲା

### ନିର୍ଦ୍ଦେଶନାମା ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କଟକ ଅଫିସ, ୩୧।୭**

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଜୁନ ୨୧ରେ କେବଳ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ସଂରକ୍ଷଣ ଲାଗି ନିର୍ଦ୍ଦେଶ ଜାରି କରାଯାଇଥିଲା। ତେବେ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ପଦବୀକୁ ସଂରକ୍ଷଣ ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିଲା। ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ପଦୋନ୍ନତି ବେଳେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ ଉକ୍ତ ମାମଲାର ଶୁଣାଣି କରି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ସଂରକ୍ଷଣ ଲାଗି ଦିଆଯାଇଥିବା ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

■ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଧାରଣା

## ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ଦାବି

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ରାଜଧାନୀବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଜିଲା ପକ୍ଷରୁ ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ରାଜଧାନୀବାସୀଙ୍କ ସମସ୍ତ ସମସ୍ୟାକୁ ନେଇ ଏହି ଧାରଣା କରାଯାଇଥିଲା। ସାଧାରଣତଃ ବର୍ଷା ପାଣି , ବର୍ଜ୍ୟବସ୍ତୁ ନିଷ୍କାସନ ଓ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଅନୁକମ୍ପା ରାଶି ଦେବାରେ ବିଫଳ ହୋଇଥିବା କଥାକୁ ଦର୍ଶାଯାଇ ବିଏମ୍‌ସି ବିରୋଧରେ ନାରାବାଜି କରାଯାଇଥିଲା। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ପ୍ରବକ୍ତା ଦିଲୀପ ମହାନ୍ତି, ଜଗନ୍ନାଥ ପ୍ରଧାନ, ବାବୁ ସିଂ, ଜିଲା ଉପସଭାପତି ବସନ୍ତ ରାଉତ, ପଦ୍ମାବତୀ ଜେନାଙ୍କ ସହ ବହୁ କର୍ମୀ ଏ ନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ଦାବିପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତୀତ ରାଜଧାନୀବାସୀଙ୍କୁ ଯଦି ଉପଯୁକ୍ତ ନାଗରିକ ସୁବିଧା ଯୋଗାଇ ନ ଦିଆଯାଏ ତାହା ହେଲେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ଭାଜପା କହିଛି।




ଧାରଣାରେ ବସିଥିବା ଭାଜପା ନେତାଙ୍କ ସହ କର୍ମକର୍ତ୍ତା।



## ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

**ଭୁବନେଶ୍ୱର,୩୧।୭(ବ୍ୟୁରୋ)–** ଆମେରିକାର ବୋଷ୍ଟନ୍ ସହରରେ ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବରେ ଭାଗନେଇ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ 'ପିପୁଲ୍ସ ଚଏସ୍ ଆୱାର୍ଡ' ଲାଭ କରିଛନ୍ତି। ଭାରତ ସହ ସମଗ୍ର ଏସିଆ ମହାଦେଶରୁ ଏକମାତ୍ର ଶିଳ୍ପୀଭାବେ ପଟ୍ଟନାୟକ ଏଭଳି ସଫଳତା ହାସଲ କରିଥିବାବେଳେ ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଭାଗ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବୁଧବାର ମନ୍ତ୍ରୀ ପାଣିଗ୍ରାହୀ ନିଜ ବିଧାନସଭା ପ୍ରକୋଷ୍ଠରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ସୁଦର୍ଶନ ପଟ୍ଟନାୟକ ଓଡ଼ିଶାର ଗର୍ବ ଓ ଗୌରବ। ଓଡ଼ିଶା ବାଲୁକାକଳାକୁ ସେ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଯୁଗ୍ମ ସଚିବ ମନସ୍ୱିନୀ ସାହୁ ଓ ଲଳିତକଳା ଏକାଡେମୀର ପ୍ରୋଗ୍ରାମ ଅଫିସର ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧/୨୦୧୯ Bhubaneswar, Thursday, August 1/ 2019


**ସଂକ୍ଷେପରେ**

## ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

**ଭୁବନେଶ୍ୱର,୩୧।୭(ବ୍ୟୁରୋ):** ଏକ ହତ୍ୟା ଉଦ୍ୟମ ମାମଲାର ୭ ବର୍ଷ ପରେ ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସଂଘମିତ୍ରା ଶର୍ମା ମାମଲାର ବିଚାର କରି ନନ୍ଦନକାନନ ଥାନା ସାନବାଲିପଡା ଗ୍ରାମର ଅଜୟ୍ କୁମାର ଜେନାଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ଶହ ଟଙ୍କା ଜରିମାନା, ଅନାଦେୟ୍ କଲେ ଆଉ ଏକ ମାସ କାରାଦଣ୍ଡ ଭୋଗିବାର ଆଦେଶ ରହିଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ରତ୍ନାକର ନାୟକ ମାମଲା ପରିଚାଳନା କରୁଥିଲେ। ନାୟକଙ୍କ ସୂଚନା ମୁତାବକ, ଜମିବାଡିକୁ କେନ୍ଦ୍ର କରି ସାନବାଲିପଡା ଗ୍ରାମର ମଙ୍ଗରାଜ ଜେନାଙ୍କ ସହ ଅଜୟ୍‌ଙ୍କ ଶତ୍ରୁତା ରହିଥିଲା। ୨୦୧୨ ମାର୍ଚ୍ଚ ୨୩ରେ ମଙ୍ଗରାଜ ଘର ନିକଟ ଏକ ପିଣ୍ଡିରେ ଶୋଇଥିବା ବେଳେ ଅଜୟ୍ ତାଙ୍କୁ ଟେକା ମାଡ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଅଜୟଙ୍କ ଘରେ ମଙ୍ଗରାଜ ଅଭିଯୋଗ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଲା। ଅଜୟ୍ ଉତକ୍ଷିପ୍ତ ହୋଇ ଏକ ଖଣ୍ଡାରେ ମଙ୍ଗରାଜଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ। ଏ ନେଇ ମଙ୍ଗରାଜ ନନ୍ଦନକାନନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ ୧୧/୧୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କୋର୍ଟରେ ମାମଲା ବିଚାର ବେଳେ ୧୦ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ବୋଲି ଆଇନଜୀବୀ ରତ୍ନାକର କହିଛନ୍ତି।

# ନନ୍ଦନକାନନ ବିକାଶ ଲାଗି ୨୪.୯ କୋଟି

**ବାରଙ୍ଗ, ୩୧।୭ (ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ଅର୍ଥ ଆସୁଛି। ଏହାସହ ନନ୍ଦନକାନନ ନିଜସ୍ୱ ଆଦାୟ ରାଜସ୍ୱକୁ ମଧ୍ୟ ସୋସାଇଟି ମାଧ୍ୟମରେ ବିନିଯୋଗ କରୁଛି। ଏହି ବିକାଶ କ୍ଷେତ୍ରରେ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ୨୪କୋଟି ୯୦ଲକ୍ଷ ଟଙ୍କାର ବ୍ୟୟବରାଦ କରିଛି। ଏହି ଅର୍ଥରେ ନନ୍ଦନକାନନ ସହ ବଟାନିକାଲ ଗାର୍ଡେନର ମଧ୍ୟ ବିକାଶର ଚିତ୍ର ରହିଛି। ଚଳିତବର୍ଷ ନନ୍ଦନକାନନ ନୂଆକରି କିଛି ପ୍ରକଳ୍ପ ହାତକୁ ନେଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଥର ନୂଆ ଏନକ୍ଲୋଜର, ନୂଆ ପଶୁପକ୍ଷୀ ଆଣିବା, ମରାମତି, ଜଳଯୋଗଣକୁ ଗୁରୁତ୍ୱ ଦିଆଯାଇଛି।**




## ପ୍ରଥମଥର ହେବ ଗ୍ୟାସ୍‌ଚୁଲା

ମୃତ୍ୟୁ ହେଉଥିବା ପଶୁପକ୍ଷୀମାନଙ୍କୁ ଆଉ କାଠନିଆଁରେ ପୋଡାଯିବ ନାହିଁ। ମାଂସାଶୀ ପ୍ରାଣୀମାନଙ୍କ ପାଇଁ ଆସୁଥିବା ଖାଦ୍ୟରୁ ବଳୁଥିବା ଅନ୍ତବୁଜୁଳା ସବୁ ମରାଯାଉଥିବା ସ୍ଥାନଠାରୁ ଅଳ୍ପଦୂରରେ ପଡୁଛି। ଏହାସହ ବାଘସିଂହମାନଙ୍କୁ ଖାଇବାକୁ ଦେବାପରେ ବଳୁଥିବା ମାଂସ ମିଶା ହାଡଗୁଡିକ ପଡିରହି ଦୁର୍ଗନ୍ଧମୟ ବାତାବରଣ ସୃଷ୍ଟି କରୁଛି। ଏଥିରୁ ରକ୍ଷା ପାଇବା ପାଇଁ ଗ୍ୟାସ ଚୁଲାର ବ୍ୟବସ୍ଥା କରାଯାଉଛି। ଫଳରେ ବଳକା ହାଡମାଂସ ଅନ୍ତବୁଜୁଳା ସବୁ ଏହି ଗ୍ୟାସଚୁଲାରେ ପୋଡାଯାଇପାରିବ। ଏଥିନିମନ୍ତେ ୧୦ନଂ ଫାଟକ ଜାଗା ଚିହ୍ନଟ ହୋଇଥିବାବେଳେ ୬୫ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି।

## ନୂଆ ରୂପ ନେବ ବାଘ ସଫାରି ଓ ଆକ୍ୱାରିୟମ

ନନ୍ଦନକାନନର ମୁଖ୍ୟ ଆକର୍ଷଣ ଥିବ ବାଘକୁ ନିକଟରୁ ଦେଖିବା ପାଇଁ ଥିବା ବାଘ ସଫାରି ଏଥର ନୂଆ ରୂପ ନେବ। ବାଘ ସଫାରିର ପ୍ରବେଶପଥ ଗେଟ ସହ ଅଧିକ ପରିମାଣର ବାଘ ଏଥର ପର୍ଯ୍ୟଟକମାନେ ଦେଖିବାକୁ ପାଇବେ। ପୂର୍ବରୁ ସଫାରିରେ ପର୍ଯ୍ୟଟକ ଦୁଇଟି ବାଘ ଦେଖୁଥିଲେ ମଧ୍ୟ ବେଳେବେଳେ ବାଘଦ୍ୱୟଙ୍କୁ ନ ଥିବା ଦେଖି ନିରାଶ ହେଉଥିଲେ। କିନ୍ତୁ ଏବେ ଏକା ସଙ୍ଗେ ୬ଟି ବାଘକୁ ସଫାରିରେ ଛାଡିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ସଫାରି ଭିତର ଜାଗାକୁ ତିନିଭାଗରେ ବିଭକ୍ତ କରାଯାଇ ତିନୋଟି ଗେଟ ଲଗାଯିବ। ଯଦ୍ୱାରା ସଫାରିବସ ତିନୋଟି ଫାଟକ ଦେଇ ୬ଟି ବାଘକୁ ପର୍ଯ୍ୟଟକଙ୍କୁ ଦେଖାଇପାରିବ। ବାଘ ସଫାରିର ପ୍ରବେଶ ପଥରେ କରାଯିବାକୁ ଥିବା ଗେଟକୁ ମଧ୍ୟ ଆକର୍ଷଣୀୟ କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ୬୦ଲକ୍ଷ ଟଙ୍କାର ବ୍ୟୟବରାଦ କରିଛନ୍ତି।

**ସଫାରିରେ ଦେଖିବାକୁ ମିଳିବ ୬ ବାଘ**

ସେହିଭଳି ନୂଆ କରି ଏକ କ୍ୱାରେଣ୍ଟାଇନ ହେବାକୁ ଯାଉଛି। ପୁରୁଣା କ୍ୱାରେଣ୍ଟାଇନରେ ଦୀର୍ଘସମୟ ଧରି ରୁଗ୍ଣ ପଶୁପକ୍ଷୀମାନେ ଚିକିତ୍ସା ପାଇଁ ରହିବା କଷ୍ଟକର ହେବାରୁ ଏହି ନିଷ୍ପତ୍ତି ହୋଇଛି। ଏହି ନୂଆ କ୍ୱାରେଣ୍ଟାଇନ ୧୦ନଂ ଫାଟକ ପାଖାପାଖି ଜାଗାରେ କରାଯିବ। କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ନିୟମାନୁସାରେ ଏହାକୁ ନିର୍ମାଣ କରିବାପାଇଁ ୪୦ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହ ଆକ୍ୱାରିୟମର ଚିତ୍ର ବଦଳିବାକୁ ଯାଉଛି। ଆକ୍ୱାରିୟମର ପରିସରରେ ଥିବା ପିଲରକୁ ନୂଆ ରୂପ ଦିଆଯିବ। ଏହି ସିମେଣ୍ଟ ପିଲର ଚତୁଃପାର୍ଶ୍ୱରେ ଉପରୁ ତଳ ପର୍ଯ୍ୟନ୍ତ ଉନ୍ନତମାନର କାଚବାକ୍ସରେ ସଜାଯିବ। ଏହି କାଚବାକ୍ସ ଭିତରେ ବିଭିନ୍ନ ସାମୁଦ୍ରିକ ମାଛ ସବୁ ରଖାଯାଇ ଡିସପ୍ଲେ କରାଯିବ। ଏଥିପାଇଁ ୩୮ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି।

## ଆଫ୍ରିକୀୟ ଆନ୍ତଃ ରାଜ୍ୟ ଚିଡ଼ିଆଖାନାରୁ ଆସିବେ ପଶୁପକ୍ଷୀ

ଚଳିତ ଆର୍ଥିକବର୍ଷରେ କେତେକ ପଶୁପକ୍ଷୀ ଆଫ୍ରିକୀୟ ଚିଡିଆଖାନାରୁ ଅଣାଯିବାର ନିଷ୍ପତ୍ତି ନିଆଯାଇଛି। ମଦୁରାଇରୁ ଛୋଟପ୍ରଜାତିର କ୍ୟାପଚୁନ ମାଙ୍କଡ ସହ କଙ୍ଗାରୁ ପ୍ରଜାତିର ଓଲାବି, ଜେବ୍ରା, ଆଫ୍ରିକାନ ଚିତା, ଗଣ୍ଡା, ଓରାଙ୍ଗଓଟାନ ଆଦି ଆଣିବା ପାଇଁ ଆଫ୍ରିକାର ଆନ୍ତଃରାଜ୍ୟ ଚିଡିଆଖାନାମାନଙ୍କ ସହ ନନ୍ଦନକାନନ କର୍ତ୍ତୃପକ୍ଷ କଥାବାର୍ତ୍ତା କରିଛନ୍ତି। ଏଥିନିମନ୍ତେ ସେଠାରେ ସଭ୍ୟ ହେବା ପାଇଁ ୭୦ହଜାରେ ଟଙ୍କା ନନ୍ଦନକାନନକୁ ଦେବାକୁ ପଡିବ। <FQଚଳିତ ଆର୍ଥିକବର୍ଷରେ ଓଲାବି, ଜେବ୍ରା, ଆଫ୍ରିକାନ ଚିତା ଓ କ୍ୟାପଚୁନ ମାଙ୍କଡ ଆଣିବାପାଇଁ ୧କୋଟି ୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି।

ନୂଆକରି ଆସିବାକୁ ଥିବା ଜିରାଫ ଖୁସିର ସାଥୀମାନଙ୍କ ପାଇଁ ନୂଆ ଏନକ୍ଲୋଜର ନିର୍ମାଣ କରାଯିବ। ଏଥିପାଇଁ ୨୫ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ଜେବ୍ରା ଏନକ୍ଲୋଜରର ମାଟି ପରିବର୍ତ୍ତନ କରାଯିବ। ଏହି ଏନକ୍ଲୋଜରରେ ଜେବ୍ରାମାନେ ବଞ୍ଚିପାରୁ ନ ଥିବାରୁ ପରିସର ମାଟିର ପରବର୍ତ୍ତନର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ଏଥିପାଇଁ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହାସହ ଜଙ୍ଗଲି କୁକୁର ଏନକ୍ଲୋଜର ପାଇଁ ୫୬ଲକ୍ଷ, ଗଧିଆ ଏନକ୍ଲୋଜର ପାଇଁ ୫୩ଲକ୍ଷ, ସିସିଟିଭି ପାଇଁ ୭ଲକ୍ଷ, ତୃଣଭୋଜି ସଫାରି ପାଇଁ ୧୦ଲକ୍ଷ, ଜଳଚର ବିହଙ୍ଗ ସରଣୀପାଇଁ ୩୩ଲକ୍ଷ, ମାଙ୍କଡ ଏନକ୍ଲୋଜର ପାଇଁ ୧୧ଲକ୍ଷ, ସମ୍ବାଜି ଏନକ୍ଲୋଜରର ନବୀକରଣ ପାଇଁ ୨୭ଲକ୍ଷ, କୁତ୍ରା ଏନକ୍ଲୋଜର ପାଇଁ ୧୦ଲକ୍ଷ, ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରପାଇଁ ୧୮ଲକ୍ଷ, ଜଳଯୋଗାଣ ପାଇଁ ୧କୋଟି ୧୩ ଲକ୍ଷ, ଷ୍ଟାଫକ୍ୱାର୍ଟର ନିର୍ମାଣପାଇଁ ୨କୋଟି ୯୩ଲକ୍ଷ, ଲନଗାର୍ଡେନ ପାଇଁ ୨୭ଲକ୍ଷ, ଟ୍ରିଟିମେଣ୍ଟ ପ୍ଲାଣ୍ଟ ପାଇଁ ୧କୋଟି ୮ଲକ୍ଷ, ଭେଟେରିନାରୀ କଲେଜର ବିଶେଷଜ୍ଞମାନଙ୍କ ଦ୍ୱାରା ଚିକିତ୍ସାଜନିତ ସହାୟତା ପାଇଁ ୮୦ଲକ୍ଷ, ଫଡ୍ଡର ଫାର୍ମର ନବୀକରଣ ଓ ନୂଆ ଏକ ଫାର୍ମ ପାଇଁ ୯୦ଲକ୍ଷ, ନନ୍ଦନକାନନର ଜୀବଜନ୍ତୁମାନଙ୍କର ଔଷଧ କିଣିବା ପାଇଁ ୧୫ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି।

ଏହାସହିତ ମରାମତି, ଅସ୍ଥାୟୀ କର୍ମଚାରୀଙ୍କ ଦରମା, ବିଦ୍ୟୁତ ମରାମତି, କର୍ମଚାରୀମାନଙ୍କ ଦରମା, ଜନ୍ତୁଖାଦ୍ୟ, ସିକ୍ୟୁରିଟି କର୍ମଚାରୀମାନଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ସମୁଦାୟ ୨୩କୋଟି ୧୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହାମଧ୍ୟରୁ ଜଙ୍ଗଲିକୁକୁରକୁ ଏକ ଏନକ୍ଲୋଜରରେ ଛଡାଯାଇଥିବାରୁ ଏହି ଏନକ୍ଲୋଜର ନିର୍ମାଣପାଇଁ ଧାର୍ଯ୍ୟ କରାଯାଇଥିବା ୫୬ଲକ୍ଷ ଟଙ୍କା ବଳକା ରହିବାକୁ ଯାଉଛି। ଏହାସହ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବଟାନିକାଲ ଗାର୍ଡେନର ବିକାଶ ପାଇଁ ମଧ୍ୟ ଦୃଷ୍ଟି ଦିଆଯାଇଛି। ବଣଭୋଜିସ୍ଥଳୀ ସହ ବିଭିନ୍ନ ଉଦ୍ୟାନର ମରାମତି ପାଇଁ ବ୍ୟୟବରାଦ ହୋଇଛି। ନୂଆକରି ଏକ ବିଶୁଦ୍ଧ ପାନୀୟଜଳପ୍ରକଳ୍ପ କରାଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟାନ୍ୟ ଖର୍ଚ୍ଚ ସହ ବଟାନିକାଲ ଗାର୍ଡେନ ପାଇଁ ୧କୋଟି ୭୨ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ଜଣାପଡିଛି।



କଟକସ୍ଥିତ ଜୁଡିସିଆଲ୍ ଏକାଡେମୀରେ ବୁଧବାର ୨୦୧୭ ବ୍ୟାଚ୍‌ର ଶିକ୍ଷାନବିଶ ଦୀକ୍ଷାନ୍ତ ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ଅନ୍ୟମାନେ।

## ଶିକ୍ଷାନବିସ ଦୀକ୍ଷାନ୍ତ ସମାରୋହ

**କଟକ ଅଫିସ, ୩୧।୭:** ଜୁଡିସିଆଲ୍ ଏକାଡେମୀସ୍ଥିତ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ବୁଧବାର ୨୦୧୭ ବ୍ୟାଚ୍‌ର ଶିକ୍ଷାନବିସ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଜୁଡିସିଆଲ୍ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ କେ.ଏସ୍ ଝାବେରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜଷ୍ଟିସ୍ ଝାବେରୀ ତାଲିମ୍ ଶେଷ କରିଥିବା ଶିକ୍ଷାନବୀଶ ନ୍ୟାୟାଧୀଶ ମାନଙ୍କୁ ଶପଥ ପାଠ କରାଇବା ସହ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ବଦ୍ରି ନାରାୟଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜୁଡିସିଆଲ୍ ଏକାଡେମୀ ତାଲିମ ସମିତିର ସଭାପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି ଓ ଦେୱାନୀ ବିଚାରପତିଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଏକାଡେମୀର ନିର୍ଦ୍ଦେଶକ ଗୌରୀଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ।

■ ଅଲିଭ ରିଡ୍‌ଲେଙ୍କ ବଂଶ ବୃଦ୍ଧି ଉପରେ ଫନୀ ମାଡ଼

## ଅଣ୍ଡାରୁ ଛୁଆ ଫୁଟିବା ସଂଖ୍ୟା କମିଲା

**ପୁରୀ ଅଫିସ, ୩୧।୭:** ବାତ୍ୟା ଫନୀ କେବଳ ମଣିଷଙ୍କ କ୍ଷତି କରିନି ବରଂ ଜୀବଜନ୍ତୁଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି। ଅଣ୍ଡା ଦେବାକୁ ସୁରକ୍ଷିତ ମଣି ଓଡ଼ିଶା ଉପକୂଳକୁ ଆସିଥିବା ଅଲିଭ ରିଡ୍‌ଲେଙ୍କ ବଂଶ ବୃଦ୍ଧି ଉପରେ ବି ପ୍ରଭାବ ପକାଇଛି। ଫନୀ ମାଡ଼ରେ ଚଳିତବର୍ଷ ହଜାର ହଜାର କଇଁଛ ଅଣ୍ଡା କାଞ୍ଜିଆ ହୋଇ ଛୁଆ ନ ଫୁଟିବାରୁ ସଂଖ୍ୟା କମିଯାଇଛି। ଗତ ୫ ବର୍ଷର ତଥ୍ୟକୁ ଦେଖିଲେ ଏ ବର୍ଷ ସବୁଠୁ କମ୍ ଛୁଆ ଫୁଟିଥିବା ଜଣାପଡ଼ିଛି।

ପ୍ରତିବର୍ଷ ନଭେମ୍ବର ମାସରୁ ଲକ୍ଷାଧିକ ଅଲିଭ ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥାନ୍ତି। କୂଳରୁ ୫ରୁ ୧୦ କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ଏଠାରେ ତାଙ୍କର ମିଳନ ହୋଇଥାଏ। ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ମୁହାଣ ଏବଂ ପୁରୀ ଜିଲାର ଦେବୀ ମୁହାଣ ଉପକୂଳ ଅଞ୍ଚଳରେ ଏମାନେ ଅଧିକ ଦେଖାଯାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ସରକାର ନଭେମ୍ବର ପହିଲାରୁ ମେ' ୩୧ ପର୍ଯ୍ୟନ୍ତ ସମୁଦ୍ର ମାଛଧରାରେ କଟକଣା ଲଗାଇଥାନ୍ତି। ଚଳିତବର୍ଷ ମଧ୍ୟ ଅସଂଖ୍ୟ କଇଁଛ ଓଡ଼ିଶା ଉପକୂଳକୁ ଆସିଥିଲେ। ମାତ୍ର ଅନିୟମିତ ଜଳବାୟୁ ଯୋଗୁ ଅଣ୍ଡାଦାନରେ ବିଳମ୍ବ ଘଟିଥିଲା। ତଥାପି ବହୁ କଇଁଛ ଫେବୃୟାରୀ, ମାର୍ଚ୍ଚରେ ଏମାନେ ସମୂହ ଅଣ୍ଡାଦାନ କରିଥିଲେ। ରାତିରେ ବେଳାଭୂମି ବାଲିକୁ ଉଠି ଅଲିଭ ରିଡ୍‌ଲେ ଅଣ୍ଡାଦାନ କରିଥାନ୍ତି। ଏମାନଙ୍କ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ଏ ବର୍ଷ ପୁରୀ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଥିଲା। ରାତିରେ ବିଲୁଆ, ହେଟା ଭଳି କେତେକ ପ୍ରାଣୀ ବାଲି ଖୋଳି ଅଣ୍ଡାଗୁଡ଼ିକ ଖାଇବାର ଭୟ ଥିବାରୁ ବନ କର୍ମଚାରୀମାନେ ୧୩ଟି କ୍ୟାମ୍ପ କରି ଜଗିଥିଲେ। ବନ କର୍ମଚାରୀ ବିଭିନ୍ନ ବସାରୁ ଅଣ୍ଡାଗୁଡ଼ିକ ସଂଗ୍ରହ କରି ଅସ୍ଥାୟୀ ପ୍ରଜନନ କେନ୍ଦ୍ର ବା ହାଚେରିରେ ପୋତି ସୁରକ୍ଷା ଦେଇଥିଲେ। ୪୫ରୁ ୬୦ଦିନ ମଧ୍ୟରେ ବାଲି ଭିତରୁ ଫୁଟି ଅସ୍ଥାୟୀ ପ୍ରଜନନ କେନ୍ଦ୍ରରୁ ଶିଶୁ କଇଁଛ ଉପରକୁ ବାହାରିଥାନ୍ତି। ସେମାନଙ୍କୁ ସମୁଦ୍ରରେ ଛଡ଼ା ଯାଇଥାଏ।

ତେବେ ଚଳିତବର୍ଷ ବିଭାଗ ପକ୍ଷରୁ କହଁରପୁର, ଚନ୍ଦ୍ରଭାଗା, ଗଙ୍ଗାଦେବୀ, ଡାଲୁଅକଣି ଏବଂ ନୂଆନଈ ୫ଟି ସ୍ଥାନରେ ଅସ୍ଥାୟୀ ପ୍ରଜନନ କେନ୍ଦ୍ର କରାଯାଇଥିଲା। ବନ କର୍ମଚାରୀମାନେ ୮୦୪ ବସାରୁ ୭୫,୨୩୬ଟି ଅଣ୍ଡା ସଂଗ୍ରହ କରି ହାଚେରୀରେ ରଖିଥିଲେ। ପାଣିପାଗ ଅନୁଯାୟୀ ମେ' ମାସରେ ଅଣ୍ଡାରୁ ଛୁଆ ଫୁଟିବା ସମୟ ରହିଥିଲା। ହେଲେ ଫନୀ ସବୁକିଛି ବିଗାଡ଼ି ଦେଇଥିଲା। ବର୍ଷା, ପବନ ମାଡ଼ରେ ହାଚେରି ପ୍ରଭାବିତ ହେଲା। ଛୁଆ ଫୁଟିବା ସମୟରେ ଆବଶ୍ୟକ ତାପମାତ୍ରା ନ ପାଇବା ଯୋଗୁ ବହୁସଂଖ୍ୟକ ଅଣ୍ଡା କାଞ୍ଜିଆ ହୋଇ ଯାଇଥିଲା। ୭୫,୨୩୬ ଅଣ୍ଡା ମଧ୍ୟରୁ ୩୦,୯୨୨ ଅର୍ଥାତ୍ ୪୧ ପ୍ରତିଶତ ଅଣ୍ଡାରୁ ଛୁଆ ଫୁଟିବା ଏହାକୁ ସ୍ପଷ୍ଟ କରିଛି। ୫ବର୍ଷର ତଥ୍ୟକୁ ଦେଖିଲେ ଚଳିତ ବର୍ଷ ସବୁଠୁ କମ୍ ସଂଖ୍ୟକ ଅଣ୍ଡାରୁ ଛୁଆ ଫୁଟିଛି। ୨୦୧୪-୧୫ରେ ୯୫,୯୫୭ ଅଣ୍ଡାରୁ ୭୯,୨୮୯ (୮୨ ପ୍ରତିଶତ), ୨୦୧୫-୧୬ରେ ୪୫,୮୧୮ ଅଣ୍ଡାରୁ ୪୦,୫୦୦ (୮୮ ପ୍ରତିଶତ), ୨୦୧୬-୧୭ରେ ୮୮,୨୧୮ ଅଣ୍ଡାରୁ ୮୧,୩୪୪ (୯୨ ପ୍ରତିଶତ), ୨୦୧୭-୧୮ରେ ୮୪,୧୩୨ ଅଣ୍ଡାରୁ ୭୨,୩୧୪ (୮୫ ପ୍ରତିଶତ)ଟି ଛୁଆ ଫୁଟିଥିଲା।

**୫ ବର୍ଷରେ ଏଥର ସବୁଠୁ କମ୍**

ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ (ଏସିଏଫ୍) ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି, ୨୦୧୮-୧୯ ବର୍ଷରେ ପୁରୀ ଡିଭିଜନରେ ୧୩ଟି କ୍ୟାମ୍ପ କରାଯାଇଥିଲା। ବନ କର୍ମଚାରୀମାନେ କଇଁଛ ଅଣ୍ଡାଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିଲେ। ୮୦୪ ବସାରୁ ୭୫,୨୩୬ ଅଣ୍ଡା ସଂଗ୍ରହ କରାଯାଇ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ସେଥିମଧ୍ୟରୁ ୩୦,୯୨୨ଟି ଅଣ୍ଡାରୁ ଛୁଆ ଫୁଟିଛି। ତେବେ ଫନୀ ବାତ୍ୟାର ଠିକ୍ ପୂର୍ବରୁ ପରୀକ୍ଷାମୂଳକ ଭାବେ ଡିଏଫ୍‌ଓଙ୍କ ନିର୍ଦ୍ଦେଶ ମତେ କହଁରପୁର ଅସ୍ଥାୟୀ ପ୍ରଜନନ କେନ୍ଦ୍ରକୁ ସୁରକ୍ଷା ଦିଆଯାଇଥିଲା। ଅଣ୍ଡା ପୋତାଯାଇଥିବା ସ୍ଥାନରେ ଜରିପାଲ ଘୋଡାଯାଇ ତା ଉପରେ ଦେଢଫୁଟ ଉଚ୍ଚର ବାଲି ବିଛାଯାଇଥିଲା। ବାତ୍ୟା ପରେ ପାଲ ଖୋଲାଯିବାରୁ ବହୁସଂଖ୍ୟକ ଛୁଆ ଫୁଟିଥିବା ଜଣାପଡ଼ିଥିଲା। ଏହା ଏକ ସଫଳ ପ୍ରୟାସ ବୋଲି କୁହାଯାଇ ପାରିବ। କାରଣ ପୂର୍ବରୁ କେବେ ଏମିତି ଅଣ୍ଡାକୁ ସୁରକ୍ଷା ଦିଆଯାଇ ନ ଥିଲା।

*(ରିପୋର୍ଟ- ହେମନ୍ତ କୁମାର ନାୟକ)*

# ୩ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

**କଟକ ଅଫିସ, ୩୧।୭**

ବ୍ରହ୍ମପୁରକୁ ନୂତନ ଟ୍ରେନ୍ ଚଳାଚଳ ଓ ନୂତନ ଡିଭିଜନ ପ୍ରତିଷ୍ଠିତ ଲାଗି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ. ଏସ୍. ଝାବେରୀ, ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ୩ମାସ ମଧ୍ୟରେ ସମାଧାନ କରିବାକୁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ବ୍ରହ୍ମପୁର ରେଲୱେ ଷ୍ଟେଶନ ଦେଇ ପ୍ରତ୍ୟହ ୭୩ଟି ପାସେଞ୍ଜର ଟ୍ରେନ୍ ଓ ବହୁ ସଂଖ୍ୟାରେ ମାଲ୍‌ବାହୀ ଟ୍ରେନ୍ ଯାତାୟାତ କରୁଛି। ଏହି ଷ୍ଟେଶନ ରାଜ୍ୟର ଦ୍ୱିତୀୟ ସର୍ବାଧିକ ରାଜସ୍ୱ ଆଦାୟ ହେଉଥିବାବେଳେ ଏହି ଅଞ୍ଚଳର ଅନେକ ଯାତ୍ରୀ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟତ କରିଥାନ୍ତି। ମାତ୍ର ସମ୍ପର୍କକ୍ରାନ୍ତି, ରାଜଧାନୀ ଏକ୍ସପ୍ରେସ୍ ଓ ଲୋକମାନ୍ୟ ତିଳକ ଭଳି ଦୂରଗାମୀ ଟ୍ରେନ୍ ଏହି ଷ୍ଟେଶନକୁ ଯାଉ ନାହିଁ। ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍ ଓ ରାଜଧାନୀ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବାବେଳେ ଲୋକମାନ୍ୟ ତିଳକ ଏକ୍ସପ୍ରେସ୍ ମୁମ୍ବାଇ-ବିଶାଖାପାଟଣା ଯାତାୟାତ କରୁଛି। ତେବେ ସମ୍ପର୍କକ୍ରାନ୍ତି ଏବଂ ରାଜଧାନୀ ଏକ୍ସପ୍ରେସ୍‌ର ଯାତ୍ରା ବ୍ରହ୍ମପୁର ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସହ ଲୋକମାନ୍ୟ ତିଳକ ଏକ୍ସପ୍ରେସ ମୁମ୍ବାଇ-ବିଶାଖାପାଟଣା ଭାୟା ବ୍ରହ୍ମପୁର ଯାତାୟାତ କରିବା ନେଇ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଅନ୍ୟପକ୍ଷରେ ଏହି ଅଞ୍ଚଳର ଅନେକ ବ୍ୟକ୍ତି ଗୁଜରାଟର ସୁରଟ ଭଳି ସ୍ଥାନରେ କାର୍ଯ୍ୟ କରୁଥିବାବେଳେ ଏଠାରୁ ସପ୍ତାହରେ ୫ ଦିନ ଟ୍ରେନ୍ ଚଳାଚଳ କରୁଛି। ତେବେ ବୁଧବାର ଏବଂ ସୋମବାର ଏଠାରୁ କୌଣସି ଟ୍ରେନ୍ ସୁରଟ ଯାତ୍ରା କରୁନି। ଫଳରେ ଏହି ଦୁଇଦିନ ଟ୍ରେନ୍ ଚଳାଚଳ ଲାଗି ମାମଲା ରୁଜୁ କରାଯାଇଥିଲା। ସେହିପରି ହାଓଡା-ପଣ୍ଡିଚେରୀ ଏକ୍ସପ୍ରେସ୍ ଏହି ବାଟ ଦେଇ ଯାତାୟାତ କରୁଥିଲେ ମଧ୍ୟ ଉକ୍ତ ଷ୍ଟେଶନରେ ରହୁନାହିଁ। ତେଣୁ ଉକ୍ତ ଟ୍ରେନ୍ ଏଠାରେ ରହଣି ପାଇଁ ମଧ୍ୟ ଦାବି କରାଯାଇଥିଲା। ବ୍ରହ୍ମପୁର ଓ ପୁରୀ ମଧ୍ୟରେ ନୂତନ ଟ୍ରେନ୍ ଚଳାଚଳ ଲାଗି ଆବେଦନକାରୀ ଦାବି କରିଥିଲେ।

**ବ୍ରହ୍ମପୁରକୁ ୩ ଟ୍ରେନ୍ ଚଳାଚଳ ମାମଲା**









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ରଘୁନାଥ ଦେବତା ବିଦ୍ୟାପୀଠରେ ପ୍ରେମଚନ୍ଦ ଜୟନ୍ତୀ

**ବାଙ୍କୀ,୩୧।୭(ବି.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ରଘୁନାଥ ଦେବତା ନୋଡାଲ ବିଦ୍ୟାପୀଠ ପରିସରରେ ବୁଧବାର କଥା ସମ୍ରାଟ ପ୍ରେମଚନ୍ଦଙ୍କ ୧୩୯ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପରିଡା ଏଥିରେ ଯୋଗଦେଇ ପ୍ରେମଚନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କୁ ସେ ଜୟନ୍ତୀ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷକ ରମାକାନ୍ତ ଭଞ୍ଜ ପ୍ରେମଚନ୍ଦଙ୍କୁ ଦୁଃଖୀରଙ୍କୀ,ଦଳିତ ଓ ନିଷ୍ପେଷିତ ଜନତାର ଅଧିବକ୍ତା ବୋଲି କହିବା ସହ ସାରସ୍ୱତ ସାଧନାର ଆଧାର ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ସୁଧାକର ମହାନ୍ତି ପ୍ରେମଚନ୍ଦଙ୍କ ସାହିତ୍ୟ ସାଧନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଲଳିତଗିରି,୩୧।୭(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ କୁଆଁପାଳ ବଜାରସ୍ଥିତ ୟୁକୋ ବ୍ୟାଙ୍କର କର୍ମଚାରୀ ପ୍ରଭାତ କୁମାର ବାରିକଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ବ୍ୟାଙ୍କ ଶାଖା ପରିଚାଳକ ନିର୍ମଳ ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ବ୍ୟାଙ୍କ ସଦସ୍ୟ ନିଶିତା ମିଶ୍ର,ବିଷ୍ଣୁପ୍ରିୟା ମଲିକ,ବିଶ୍ୱଜିତ ପାତ୍ରି,ରବି ନାରାୟଣ ରଥ,ପ୍ରଦୀପ କୁମାର ବରାଳ ଓ ସନ୍ତୋଷ କୁମାର ଶତପଥୀ ଯୋଗଦେଇ ବାରିକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିରେ ଆଲୋକ ବାରିକ ଓ ଦୁର୍ଯ୍ୟୋଧନ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

**ନରସିଂହପୁର,୩୧।୭(ସ୍ୱ.ପ୍ର.):** ନରସିଂହପୁର ତାଲୁକ ଆଇନ ସ୍ୱାକ୍ଷରତା ଓ ସଚେତନତା ସେବା କମିଟି ପକ୍ଷରୁ କାନପୁର ଆଞ୍ଚଳିକ ମହାବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅଜିତ୍ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସେବା କମିଟି ଅଧକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରତିଶ୍ କୁମାର ରଥ ଯୋଗ ଦେଇଥିଲେ। ଏହି ଅବସରରେ ସେ ମହିଳା ଓ ଶିଶୁ ସୁରକ୍ଷା ଆଇନ, ସମାଜର ଗରିବ, ଅବହେଳିତଙ୍କୁ ମାଗଣା ଆଇନଗତ ସହାୟତା, ସାଇବର କ୍ରାଇମ, ଶିଶୁ ଶ୍ରମିକ ନିରୋଧ ଆଇନ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିବା ସହ ଏହା ଉପରେ ଯୁବ ସମାଜର ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଆଇନଜୀବୀ ସରୋଜ କୁମାର ମହାରଣା, ଜ୍ଞାନରଞ୍ଜନ ନାୟକ, ସରକାରୀ ଓକିଲ ଏନ.କେ ହାଂସଦ ଆଇନ ସେବା କମିଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଅଧାପକ ସୁରେନ୍ଦ୍ର କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଲିଙ୍କ୍‌ରୋଡ୍-ବାଦାମବାଡ଼ି ରାସ୍ତା ଜାମ୍




ଲିଙ୍କ୍‌ରୋଡ୍ ରାସ୍ତା ପାର୍ଶ୍ୱରେ ବସ୍‌ଗୁଡିକ ପାର୍କିଂ କରାଯାଇଛି।

**■ବସ୍ ପାର୍କିଂ, ଗାଡି ଚଳାଚଳରେ ସମସ୍ୟା**

**■୧ କିମି ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ଅଧଘଣ୍ଟା**

**କଟକ ଅଫିସ,୩୧।୭**

କଟକ ସହରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଲିଙ୍କ୍‌ରୋଡ୍-ବାଦାମବାଡ଼ି ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ଜାମ୍ ରହୁଥିବାରୁ ଲିଙ୍କ୍‌ରୋଡ୍‌ରୁ ବାଦାମବାଡ଼ି ଏକ କି.ମି.ର ରାସ୍ତା ଅତିକ୍ରମ କରିବାକୁ ଅଧଘଣ୍ଟା ସମୟ ଲାଗୁଛି। ତେବେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ମୁଖ୍ୟ କାରଣ ପାଲଟିଛନ୍ତି ଜାଇକା ଓ ବସ୍ ମାଲିକ। ଜାଇକା କାର୍ଯ୍ୟ ଚାଲିଥିବା ଯୋଗୁ ୩୦ରୁ ଊର୍ଦ୍ଧ୍ୱ ବସ୍ ମୁଖ୍ୟ ରାସ୍ତା ଉପରେ ପାର୍କିଂ ହେଉଛି। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ରହୁଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଥାଉ କି, ଗତ ଫେବୃୟାରୀରୁ ଏହି ରାସ୍ତାରେ ଜାଇକା କାମ ଚାଲିଛି। ଜାଇକାର ଗାତ ଖୋଳାଯିବା ଫଳରେ ରାସ୍ତା ଧସି ଗଲାଣି। ରୋଡ୍ ଡିଭାଇଡରଗୁଡ଼ିକ ମଧ ଭୁଶୁଡ଼ି ପଡ଼ିଛି। ଏହାଛଡ଼ା ରାସ୍ତାରେ ଖାଲଢ଼ିପ ହୋଇଥିବା ଦେଖିବାକୁ ମିଳିଛି। ଦିନବେଳା ରାସ୍ତା ଜାମ ଲୋକଙ୍କୁ ନୟାନ୍ତ କରୁଛି। ଏ ନେଇ ଜାଇକାର ପ୍ରକଳ୍ପ ଅଧିକାରୀ ବସନ୍ତ ପରିଡ଼ା କୁହନ୍ତି, ଆଉ ୧୫ଦିନ ଭିତରେ ଏହି କାର୍ଯ୍ୟ ଶେଷ ହେବ।

**ଏମାନେ କ'ଣ କୁହନ୍ତି**

ରାସ୍ତାରେ ବସ୍ ଛିଡ଼ା ହେବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକ ସମସ୍ୟା ସୁଧାରିବା ମଧ ଟ୍ରାଫିକ ପୋଲିସର ଦାୟିତ୍ୱ। ଅନ୍ୟପକ୍ଷରେ ରାସ୍ତାକୁ ଖୋଳି ନଷ୍ଟ କରିଥିବା ଜାଇକା ବି ଟ୍ରାଫିକ ସମସ୍ୟା ସୃଷ୍ଟି କରିବାରେ ଦାୟୀ। ଦିନ କୁ ଦିନ ବସ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବଢୁଛି। ଏଣୁ ମାଲିକମାନେ କେଉଁଠାରେ ବସ ପାର୍କିଂ କରିବେ ସେ ଦିଗରେ ମଧ ପ୍ରଶାସନ ଦୃଷ୍ଟି ଦେଉ।

**- ଯତୀନ କୁମାର ପଣ୍ଡା, ଟ୍ରାଫିକ ଏସିପି**

ମଡେଲ ବସଷ୍ଟାଣ୍ଡ ନ ହେବା ଯାଏ ମାଲିକମାନେ କେଉଁଠାରେ ଗାଡ଼ି ରଖିବେ? ଏ କଥା କେହି ଭାବୁ ନାହାନ୍ତି। ବର୍ଷା ଯୋଗୁ ଲିଙ୍କ୍‌ରୋଡ ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱରେ ଥିବା ବସ୍ ପାର୍କିଂ ସ୍ଥାନର ଅବସ୍ଥା ଶୋଚନୀୟ। ସେ ସ୍ଥାନର ଅବସ୍ଥା ସୁଧାରିବା ପାଇଁ ଚେଷ୍ଟା କରାଯାଉ।

**- ଅଜୟ କୁମାର ବାରିକ, ସମ୍ପାଦକ, କଟକ ଘରୋଇ ବସ ମାଲିକ ସଂଘ**

ପ୍ରତିଦିନ ଏହି ରାସ୍ତାରେ ଯିବାକୁ ବିରକ୍ତ ଲାଗୁଛି। ଗାଡ଼ି ଖରାପ ହେବା ସହ ଦୁର୍ଘଟଣା ଘଟିବାର ଡର ମଧ ମନରେ ରହୁଛି। ସହରର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ। ବାହାରୁ ଆସୁଥିବା ଲୋକ କଟକ ପ୍ରବେଶ କରିବା ମାତ୍ରେ ଏଭଳି ସମସ୍ୟା ଭୋଗିବା ସହର ପାଇଁ ନିନ୍ଦନୀୟ। ସମସ୍ୟା ସୁଧାରିବାକୁ ଚେଷ୍ଟା କରାଯାଉ।

**- ଶୁଭେନ୍ଦୁ କୁମାର ସ୍ୱାଇଁ, ବ୍ୟବସାୟୀ**

# ମାଙ୍କଡ଼ କାମୁଡ଼ାରେ ୧୦ ଆହତ

**ବାଙ୍କୀ,୩୧।୭(ସ୍ୱ.ପ୍ର./ବି.ପ୍ର)**

ବାଙ୍କୀ ଏନ୍‌ଏସି ଓ ଆଖପାଖ ଗ୍ରାମରେ ଦିନକୁ ଦିନ ମାଙ୍କଡଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ମାଙ୍କଡ଼ କାମୁଡାରେ ଏନ୍‌ଏସି ଅନ୍ତର୍ଗତ ମନ୍ତ୍ରୀ ସାହି ଗ୍ରାମର ଜ୍ୟୋତିର୍ମୟୀ ମନ୍ତ୍ରୀ, ସାବିତ୍ରୀ ମନ୍ତ୍ରୀ ଓ ରାଧାଶ୍ୟାମ ମନ୍ତ୍ରୀଙ୍କ ସମେତ ଯୋଡ଼କୂଳ, ବିରିପଡ଼ା, ତାଳବସ୍ତ ଓ କୃଷ୍ଣ ପଲ୍ଲୀ ଅଞ୍ଚଳର ପ୍ରାୟ ୧୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସମସ୍ତଙ୍କୁ ବାଙ୍କୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ସେହିପରି ପୂର୍ବରୁ ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ଜୋରକୁଳ ଗ୍ରାମର ଜଣେ ବୃଦ୍ଧା ମାଙ୍କଡ କାମୁଡ଼ାରେ ଗୁରୁତର ହୋଇ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି। ସେ ହେଲେ ଜୋରକୁଳ ଗ୍ରାମର ଗୋକୁଳ ରାଉତଙ୍କ ସ୍ତ୍ରୀ ମିନିକା ରାଉତ(୭୨)। ଉତ୍ପାତ କରୁଥିବା ମାଙ୍କଡଗୁଡିକୁ ଜଙ୍ଗଲ ବିଭାଗ ଦ୍ୱାରା କାବୁ କରିବା ପାଇଁ ସ୍ଥାନୀୟ ଲୋକେ ଉପଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ମାଙ୍କଡପଲ କାବୁ କରିବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବନ ବିଭାଗର ଖୋର୍ଦ୍ଧା ରେଞ୍ଜ ଅଫିସର ଉତ୍ତମ କୁମାର ଗଡ଼ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଗୁରୁବାର ଏନେଇ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ୨୧ରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ବୈଠକରେ ବ୍ଲକ ଶିକ୍ଷାଧିକାରୀ ଓ ଅନ୍ୟମାନେ।

**ବାଙ୍କୀ,୩୧।୭(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୨୧ରେ ବ୍ଲକ ଅନ୍ତର୍ଗତ ବାଆଁରାସ୍ଥିତ ସୁବେଧେଶ୍ୱର ମିଳିତ ବିଦ୍ୟାପୀଠରେ ଏହି ପ୍ରତିଯୋଗିତା ହେବ। ଏନେଇ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ସଭାଗୃହରେ ଆୟୋଜିତ ବୈଠକରେ ବାଙ୍କୀ ବ୍ଲକ ଶିକ୍ଷାଅଧିକାରୀ ତଥା ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଅବସରରେ ବି.କେ.ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ କ୍ରୀଡା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ବ୍ଲକର କ୍ରୀଡା ସମ୍ପାଦକ ଦୟାନିଧି ମହାପାତ୍ର ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ସୁନ୍ଦର ଭାବରେ ପରିଚାଳନା କରି ଡମପଡ଼ା ବ୍ଲକର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକର ୩୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନରେନ୍ଦ୍ରପୁର ଗସ୍ତ

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା



ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟମାନେ ନରେନ୍ଦ୍ରପୁର ସ୍କୁଲ ପରିଦର୍ଶନ କରୁଛନ୍ତି।

**ନିଶ୍ଚିନ୍ତକୋଇଲି ୩୧।୭(ସ୍ୱ.ପ୍ର.)**

ନୂତନ ଭାବେ ଦାୟିତ୍ୱ ନେଇଥିବା କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଅଖତାର ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ଗସ୍ତ କରିଥିଲେ । ସେଠାରେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ଏନେଇ ଆୟୋଜିତ ଏକ ସମୀକ୍ଷା ବୈଠକରେ ଭାରପ୍ରାପ୍ତ ଜିପିଓ ବିଷ୍ଣୁଚରଣ ବେହେରା,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହନ୍ତ ଓ ସରପଞ୍ଚ ବନବିହାରୀ ସେଠୀ ପ୍ରମୁଖ ଉପସ୍ଥିତ ରହି ଉନ୍ନୟନ କାର୍ଯ୍ୟର ଦସ୍ତାବିଜ ଉପସ୍ଥାପନ କରିଥିଲେ। ପରେ ଅଖତାର ନରେନ୍ଦ୍ରପୁର ବିଦ୍ୟାଳୟ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଫନୀ ବାତ୍ୟାପରେ ବିଦ୍ୟାଳୟ ଓ ଅଙ୍ଗନୱାଡି ଘର ଗୁଡିକ କିଭଳି ପୁନରୁଦ୍ଧାର କରାଯାଇଛି ତା'ର ମଧ ସମୀକ୍ଷା କରିଥିଲେ। ଏଥିସହ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ।

### ହଳଦିଆ ହାଟରୁ ବାଇକ ଚୋରି

**ଲଳିତଗିରି,୩୧।୭(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧୀନ ହଳଦିଆ ହାଟରୁ ଏକ ବାଇକ ଚୋରି ହୋଇଥିବା ନେଇ ବୁଧବାର ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କୁସୁପୁର ପଞ୍ଚାୟତସ୍ଥ ବାଗସରପୁର(ମିର୍ଜାପାଟଣା)ଗ୍ରାମର କାର୍ତ୍ତିକ କୁମାର ସାହୁ ହାଟରେ ତାଙ୍କ ବାଇକ (ନଂ.ଓଡି୦୪ସି୫୨୨୯) ରଖି ସଉଦା କରିଥିଲେ। ସଉଦା କରି ଫେରିବା ପରେ ବାଇକ୍ ନ ପାଇ ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ ୬ ଗୋରୁ ଉଦ୍ଧାର: ୨ ଗିରଫ

**କଟକ ଅଫିସ, ୩୧।୭**

ବେଆଇନ ଗୋ ଚାଲାଣ ହେଉଥିବା ଏକ ପିକ୍‌ଅପ ଭ୍ୟାନ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଦାମବାଡି ପୋଲିସ ଜବତ କରିଛି। ଏଥିସହ ସେଥିରେ ଥିବା ୬ଟି ଗୋରୁକୁ ନୂଆବଜାରସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ଉଦ୍ଧାର କରାଯାଇଛି। ଏହି ଘଟଣାରେ କଟକ ଓଡ଼ିଆ ବଜାର ଅଞ୍ଚଳର ଏସ୍.କେ ସଲାମ ଓ ଏସ୍.କେ. ଜିଆଦୁଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବାଲିପାଟଣା ଅଞ୍ଚଳରୁ ଏକ ଗୋରୁ ବୋଝେଇ ଭ୍ୟାନ(ନଂ. ଓଆର୦୨ଏଏନ-୨୬୯୭) ଆସୁଥିବା କେହି ଦୁର୍ବୃତ୍ତ ଫୋନରେ ପୋଲିସକୁ ସୂଚନା ଦେଇଥିଲେ। ଖାନ୍‌ନଗର ଟ୍ରାଫିକ ନିକଟରେ ଦୁଇ ପାର୍ଶ୍ୱରୁ ପୋଲିସ ଗାଡ଼ିକୁ ଅଟକାଇବା ପାଇଁ ଯୋଜନା କରିଥିଲା। ଖାନନଗର ପାର୍କ ନିକଟରେ ଥିବା ହମ୍ପସରେ ଗାଡ଼ିର ଗତି କମିଯିବାରୁ ପୋଲିସ ଉକ୍ତ ଗାଡ଼ିକୁ ଘେରି ଯାଇଥିଲା।

# ନରସିଂହପୁରରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବି

**ନରସିଂହପୁର,୩୧।୭(ସ୍ୱ.ପ୍ର.)**

ନରସିଂହପୁର ବ୍ଲକରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ବୁଧବାର ଏନେଇ ଓକିଲ ସଂଘ ତରଫରୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓକିଲ ସଂଘ ସଭାପତି ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ବରିଷ୍ଠ ନାଗରିକ, ଗ୍ରାମ ସଭାପତି, ବିଭିନ୍ନ ରାଜନୈତିକ ଦଳର ସଦସ୍ୟ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ସଂଗଠନ ଓ ଗଣମାଧମ ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଆଇନଜୀବୀମାନଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ରଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ସଭପତି ସାହୁ କହିଥିଲେ, ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ନରସିଂହପୁର ନିକଟରେ ସମସ୍ତ ଭିତ୍ତିଭୂମି ରହିଛି। ଏଥସହ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ସମସ୍ତ ନିୟମାବଳୀ ଓ ମାନଦଣ୍ଡ ପୂରଣ କରୁଛି। ମାତ୍ର ଏହାକୁ ବିରୋଧକରି ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଚଳାଇଥିବାରୁ ନରସିଂହପୁର ଓକିଲ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଚାରାରୋପଣ କଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରୁଛନ୍ତି।

**ଟିଗିରିଆ, ୩୧।୭(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ନୂଆପାଟଣାସ୍ଥିତ କାଶୀନାଥ ଇଂରାଜି ମାଧ୍ୟମ ବିଦ୍ୟାଳୟ ତରଫରୁ ପରିବେଶ ସଚେତନ ଓ ଚାରା ରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ମରିଚିଆ ଗ୍ରାମରେ ଥିବା ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଇପ୍ସିତା ମହାପାତ୍ର ତତ୍ତ୍ୱାବଧାନ କରିଥିଲେ। ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜମ୍ବେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାବିକାଶ ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଶ୍ରୀନିବାସ ଦାସ ଯୋଗଦେଇ ଚାରାରୋପଣ କରିଥିଲେ। ଆଗାମୀ ଦିନରେ ଅଞ୍ଚଳକୁ ସବୁଜ ବଳୟରେ ପରିଣତ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ୪ ଏକର ପରିସରରେ ଚାରା ଲଗାଯାଇଥିଲା।

# ଧବଳେଶ୍ୱର ରାସ୍ତା ଖାଲଖମାରେ ପୂର୍ଣ୍ଣ

**ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି**

**ଆଠଗଡ଼, ୩୧।୭(ସ୍ୱ.ପ୍ର.)**

ସରକାର ରାସ୍ତାଘାଟର ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଓ ରକ୍ଷାବେକ୍ଷଣ ଅଭାବରୁ ଏହାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଫଳରେ ଲୋକଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ଏକ ଉଦାହରଣ ଆଠଗଡ଼ ଧବଳେଶ୍ୱର ରାସ୍ତାରେ ଦେଖିବାକୁ ମିଳିଛି। ଏହି ରାସ୍ତା ମରାମତି ଅଭାବରୁ ଏବେ ଖାଲଖମା ପୂରିଯାଇଥିବା ବେଳେ ବହୁ ସମୟରେ ଦୁର୍ଘଟଣାମାନ ଘଟୁଛି। ତୁରନ୍ତ ରାସ୍ତା ମରାମତ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ସୂଚନାଯୋଗ୍ୟ, ମହାନଦୀ ଉପରେ ମଧୁସୂଦନ ସେତୁ ନିର୍ମାଣ ପରଠାରୁ ଯାତାୟାତରେ ସୁବିଧା ପାଇଁ ବହୁଲୋକ ଏହି ରାସ୍ତା ଦେଇ କଟକ,ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରିଥାନ୍ତି । ଶେଷଥର ପାଇଁ ୨୦୧୩-୧୪ମସିହାରେ ଏହି ରାସ୍ତା ମରାମତି କରାଯାଇଥିଲା। ମାତ୍ର ଏହା ପରଠାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଦୈନିକ ଏହି ରାସ୍ତା ଦେଇ ବହୁ ସଂଖ୍ୟାରେ ମୋଟର ଯାନ ଓ ଶିଳ୍ପ ସଂସ୍ଥାଗୁଡିକର ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତା ଉପରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏବେ ବର୍ଷାଋତୁ ହୋଇଥିବାରୁ ଖାଲଗୁଡିକରେ ପାଣି ଭରି ଯାଇଛି। ଫଳରେ ଯାତ୍ରୀ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ କୁମାର ଦାସ କହିଛନ୍ତି, କନ୍ତୋଳର ସାପୁଆ ପୋଲ ଠାରୁ ଆଠଗଡ ଟାଉନ ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଓ ରାସ୍ତାକଡ଼ରେ ନାଳ ନିର୍ମାଣ ପାଇଁ ୬୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ମଞ୍ଜୁରୀ ନିମନ୍ତେ ମୁଖ୍ୟଯନ୍ତ୍ରୀଙ୍କ ପାଖକୁ ପଠାଯାଇଛି, ଅନୁମୋଦନ ପରେ ରାସ୍ତା ମରାମତି କାର୍ଯ୍ୟ କରାଯିବ।



ଧବଳେଶ୍ୱର ରାସ୍ତାରେ ବର୍ଷା ପାଣି ଜମି ରହିଛି।

■ ଜିଲାପାଳଙ୍କ ବୟନ ଗ୍ରାମ ପରିଦର୍ଶନ

# ଅଧୁରା କାମ ସମ୍ପୂର୍ଣ୍ଣ କରାଯିବ

**ରଘୁନାଥପୁର, ୩୧।୭ (ଡି.ଏନ୍.ଏ.):**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବୁଧବାର ରଘୁନାଥପୁର ବ୍ଲକ୍ ଜଇପୁରସ୍ଥିତ ବୟନ ଗ୍ରାମ ପରିଦର୍ଶନରେ ଆସିଥିଲେ। ବୁଣାକାର ମହିଳାଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସାମଗ୍ରୀ ଦେଖି ଜିଲାପାଳ ମହାପାତ୍ର ଖୁସି ପ୍ରକଟ କରିବା ସହ ଅଧୁରା ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ଶ୍ରୀ ପାର୍ବତୀ ତନ୍ତବାୟ ସହଯୋଗ ସମିତି ଓ ସଂସ୍କୃତି ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର ଗ୍ରୁପ୍ ମିଳିତ ଆନୁକୂଲ୍ୟରେ ବୟନ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ହସ୍ତତନ୍ତ କାର୍ଯ୍ୟକ୍ରମ ଜାରି ରହିଛି। ତତ୍କାଳୀନ ଜିଲାପାଳଙ୍କ ଉଦ୍ୟମରେ ପାରାଦୀପ ବନ୍ଦର ସହାୟତାରେ ବୟନ ଗ୍ରାମକୁ ସରସ ସୁନ୍ଦର କରାଯାଇଥିଲା। ବାତ୍ୟା ଫନୀ ପରେ ଜିଲାପାଳ ମହାପାତ୍ର ଜିଲାର ପ୍ରଥମଥର ବୟନ ଗ୍ରାମକୁ ଆସି ଭାଙ୍ଗି ଥିବା ଡେମନ୍‌ଷ୍ଟ୍ରେଶନ୍ ହଲ୍‌ର ପୁନରୁଦ୍ଧାର, ଅର୍ଦ୍ଧନିର୍ମିତ ଗେଟ୍‌କୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଦାୟିତ୍ୱରେ ଥିବା ଆର୍‌ଆଣ୍ଡବି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ନିମାଇଁ ଚରଣ ଦାସଙ୍କୁ କହିଥିଲେ। ଏହାଛଡ଼ା ଗ୍ରାମରେ ଅସମ୍ପୂର୍ଣ୍ଣ ଥିବା ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ପିଡି ସରୋଜକାନ୍ତ ମହାନ୍ତି ଓ ବିଡିଓ ପଞ୍ଚାନନ ପଟାୟତଙ୍କ ସହ ଆଲୋଚନା କରିଥିଲେ। ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ୍ ମାନସ ପାଣିଗ୍ରାହୀଙ୍କ ସହ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଗେଟ୍‌ଠାରୁ ବୟନ ଗ୍ରାମକୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, କାମ କରୁଥିବା ମହିଳାଙ୍କୁ ଏକ୍ସପୋଜର ଭିଜିଟରେ ପଠାଯିବା, ନୂତନ କମ୍ପ୍ୟୁଟର ସହ ସ୍କାନର ବ୍ୟବସ୍ଥା କରାଯିବା, ଗ୍ଲୋଇଂ ସାଇନ୍ ବୋର୍ଡ ଲଗାଯିବା, ସର୍ବପରେ ବୟନ ଗ୍ରାମକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ବ୍ୟବସ୍ଥା ନେବାକୁ ଉପସ୍ଥିତ ଅଧିକାରୀଙ୍କ ସହ ବିଚାରବିମର୍ଶ କରିଥିଲେ। ଆର୍‌ଆଣ୍ଡବି ଏସ୍‌ଡିଓ ରତିକାନ୍ତ ବେହେରା ଓ ଜେଇ ବିନୟ କୁମାର ସାହୁ ଓରମାସର ସିଇଓ ସତ୍ୟଶୁଭମ ସୁନ୍ଦରମ ପାଇଟାଳ ଓ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଅଫିସର ପ୍ରଭାତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭାନେତ୍ରୀ ସରସ୍ୱତୀ ପୃଷ୍ଟି ଓ ସମ୍ପାଦିକା ମମତା ପୃଷ୍ଟି ମହିଳାମାନଙ୍କୁ ଅଧିକ ତାଲିମ ଦେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଜୀବିକା ମିଶନ ବିପିଏମ୍ କଳ୍ପନା ଦଳାଇ ଓ ବିଏଲ୍‌ସି ମିନାରାଣୀ ଦାସ ଏଥିରେ ସହଯୋଗ କରିଥିଲେ। ଆସନ୍ତା ଅଗଷ୍ଟ ୩୧ରେ ପୁଣି ଥରେ ପରିଦର୍ଶନରେ ଆସିବେ ବୋଲି ଜିଲାପାଳ ମହାପାତ୍ର କହିଥିଲେ।



ଜିଲାପାଳଙ୍କ ସହ ଗ୍ରାମବାସୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର ପଦୋନ୍ନତିରେ ସଂରକ୍ଷଣ ମାମଲା

### ନିର୍ଦ୍ଦେଶନାମା ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କଟକ ଅଫିସ, ୩୧।୭:** ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଜୁନ ୨୧ରେ କେବଳ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ସଂରକ୍ଷଣ ଲାଗି ନିର୍ଦ୍ଦେଶ ଜାରି କରାଯାଇଥିଲା। ତେବେ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ପଦବୀକୁ ସଂରକ୍ଷଣ ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିଲା। ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ପଦୋନ୍ନତି ବେଳେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ ଉକ୍ତ ମାମଲାର ଶୁଣାଣି କରି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ସଂରକ୍ଷଣ ଲାଗି ଦିଆଯାଇଥିବା ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ମାମଲାର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏଭଳି ପଦୋନ୍ନତି ନ କରିବା ଲାଗି ରାୟରେ ଉଲ୍ଲେଖ କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**କଟକ ଅଫିସ, ୩୧।୭:** ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡା ମଙ୍ଗଳାସାହିର ମାନସ ସିଂ (୩୮) ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ମାନସ ଦିନମଜୁରିଆ ଭାବେ କାମ କରନ୍ତି। ବୁଧବାର ଅପରାହ୍ନରେ ସେ ଘରେ ଏକୁଟିଆ ଥିଲେ। ଏହି ସୁଯୋଗରେ ମାନସ ଘରର କବାଟ ବନ୍ଦ କରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାରଲୋକେ ଘରକୁ ଫେରିବା ଉକ୍ତ ଘରର କବାଟ ବାଡେଇ ମାନସଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ଫଳରେ ପରିବାର ଲୋକେ କବାଟ ଭାଙ୍ଗି ଭିତର ପଶିବାରୁ ମାନସଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲା।

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**କଟକ ସଦର,୩୧।୭(ଡି.ଏନ୍.ଏ.):** କିଶୋରନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ବୁଧବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଅଜିତ୍ ସାମଲ(୨୪)। ପୋଲିସ ସୂଚନା ଅନୁଯାୟୀ, ଗତ ୧୯ତାରିଖରେ ଅଭିଯୁକ୍ତଜଣଙ୍କ ପଡୋଶୀ ଘରର ଜଣେ ଯୁବତୀଙ୍କୁ ଅସଦାଚାରଣ କରିଥିଲେ। ଏ ନେଇ ପୀଡ଼ିତା ଯୁବତୀଙ୍କ ପରିବାର ପକ୍ଷରୁ କିଶୋରନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୭୨/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭିନ୍ନକ୍ଷମ ଯୁବକଙ୍କ ଦାବିପତ୍ର

### ଚାକିରି ପାଇଁ ଲାଞ୍ଚ ମାଗୁଛି ଠିକା ସଂସ୍ଥା

କଟକ ଅଫିସ, ୩୧।୭: ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବୁଧବାର ଏସ୍‌ସିବି ମେଡିକାଲ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ଅରୂପ କୁମାର ସାମଲ ନାମକ ଜଣେ ଭିନ୍ନକ୍ଷମ ଯୁବକ ମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେ ଦାବିପତ୍ରରେ ଦର୍ଶାଇଛନ୍ତି, ଏକ ଠିକାସଂସ୍ଥା ତାଙ୍କୁ ଚାକିରି ଯୋଗାଇଦେବା ନାଁରେ ୩୦ହଜାର ଟଙ୍କା ଲାଞ୍ଚ ମାଗୁଛି। ନିକଟରେ ଏସ୍‌ସିବି ମେଡିକାଲରେ ୨୯୫ ଆଟେଣ୍ଡାଣ୍ଟ ପଦବୀ ପାଇଁ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅରୂପ ମଧ୍ୟ ସେଥିରେ ଆବେଦନ କରିଥିଲେ। ହେଲେ ଉକ୍ତ ଚାକିରି ଦାୟିତ୍ୱରେ ଥିବା ଠିକା ସଂସ୍ଥା ଚାକିରି କରାଇ ଦେବା ଲାଗି ତାଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲା। ଟଙ୍କା ଦେଲେ ତୁମକୁ ଚାକିରି ମିଳିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଅନେକ ଚେଷ୍ଟା ପରେ ଟଙ୍କା ଯୋଗାଡ କରିଥିଲେ ମଧ୍ୟ ଚାକିରିରୁ ସେ ବଞ୍ଚିତ ହୋଇଛନ୍ତି। ଭିନ୍ନକ୍ଷମ ହୋଇଥିବାରୁ ନିଜ ପେଟ ପୋଷିବାକୁ ଏବେ ତାଙ୍କୁ ଅନେକ କଷ୍ଟ ସହିବାକୁ ପଡୁଛି। ଏଣୁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଏ ବିଷୟରେ ଉକ୍ତ ଠିକାସଂସ୍ଥାର ଦୃଷ୍ଟି ଆକର୍ଷଣ କରିବେ ଏବଂ ଦରକାର ପଡିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଲିଙ୍କ୍‌ରୋଡ-ବାଦାମବାଡ଼ି ରାସ୍ତା ଜାମ୍



ପାର୍କିଂ ହୋଇଥିବା ଯାନବାହନ।

**କଟକ ଅଫିସ,୩୧।୭**

**■ବସ୍ ପାର୍କିଂ, ଗାଡି ଚଳାଚଳରେ ସମସ୍ୟା**

**■୧ କିମି ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ଅଧଘଣ୍ଟା**

କଟକ ସହରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଲିଙ୍କ୍‌ରୋଡ-ବାଦାମବାଡ଼ି ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ଜାମ୍ ରହୁଥିବାରୁ ଲିଙ୍କ୍‌ରୋଡରୁ ବାଦାମବାଡ଼ି ଏକ କିମିର ରାସ୍ତା ଅତିକ୍ରମ କରିବାକୁ ଅଧଘଣ୍ଟା ସମୟ ଲାଗୁଛି। ତେବେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ମୁଖ୍ୟ କାରଣ ପାଲଟିଛନ୍ତି ଜାଇକା ଓ ବସ୍ ମାଲିକ। ଜାଇକା କାର୍ଯ୍ୟ ଚାଲିଥିବା ଯୋଗୁ ୩୦ରୁ ଊର୍ଦ୍ଧ୍ୱ ବସ୍ ମୁଖ୍ୟ ରାସ୍ତା ଉପରେ ପାର୍କିଂ ହେଉଛି। ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ରହୁଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଥାଉ କି, ଗତ ଫେବୃୟାରୀରୁ ଏହି ରାସ୍ତାରେ ଜାଇକା କାମ ଚାଲିଛି। ଜାଇକାର ଗାତ ଖୋଳାଯିବା ଫଳରେ ରାସ୍ତା ଧସି ଗଲାଣି। ରୋଡ୍ ଡିଭାଇଡରଗୁଡ଼ିକ ମଧ୍ୟ ଭୁଶୁଡ଼ି ପଡ଼ିଛି। ଏହାଛଡ଼ା ରାସ୍ତାରେ ଖାଲଢ଼ିପ ହୋଇଥିବା ଦେଖିବାକୁ ମିଳିଛି। ଦିନବେଳା ରାସ୍ତା ଜାମ ଲୋକଙ୍କୁ ନୟାନ୍ତ କରୁଛି। ଏ ନେଇ ଜାଇକାର ପ୍ରକଳ୍ପ ଅଧିକାରୀ ବସନ୍ତ ପରିଡ଼ା କୁହନ୍ତି, ଆଉ ୧୫ଦିନ ଭିତରେ ଏହି କାର୍ଯ୍ୟ ଶେଷ ହେବ।

## ଏମାନେ କ'ଣ କୁହନ୍ତି

“ ରାସ୍ତାରେ ବସ୍ ଛିଡ଼ା ହେବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକ ସମସ୍ୟା ସୁଧାରିବା ମଧ ଟ୍ରାଫିକ ପୋଲିସର ଦାୟିତ୍ୱ। ଅନ୍ୟପକ୍ଷରେ ରାସ୍ତାକୁ ଖୋଳି ନଷ୍ଟ କରିଥିବା ଜାଇକା ବି ଟ୍ରାଫିକ ସମସ୍ୟା ସୃଷ୍ଟି କରିବାରେ ଦାୟୀ। ଦିନ କୁ ଦିନ ବସ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବଢୁଛି। ଏଣୁ ମାଲିକମାନେ କେଉଁଠାରେ ବସ ପାର୍କିଂ କରିବେ ସେ ଦିଗରେ ମଧ ପ୍ରଶାସନ ଦୃଷ୍ଟି ଦେଉ।
**- ଯତୀନ କୁମାର ପଣ୍ଡା, ଟ୍ରାଫିକ ଏସିପି**

“ ମଡେଲ ବସଷ୍ଟାଣ୍ଡ ନ ହେବା ଯାଏ ମାଲିକମାନେ କେଉଁଠାରେ ଗାଡ଼ି ରଖିବେ? ଏ କଥା କେହି ଭାବୁ ନାହାନ୍ତି। ବର୍ଷା ଯୋଗୁ ଲିଙ୍କ୍‌ରୋଡ ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱରେ ଥିବା ବସ୍ ପାର୍କିଂ ସ୍ଥାନର ଅବସ୍ଥା ଶୋଚନୀୟ। ସେ ସ୍ଥାନର ଅବସ୍ଥା ସୁଧାରିବା ପାଇଁ ଚେଷ୍ଟା କରାଯାଉ।
**- ଅଜୟ କୁମାର ବାରିକ, ସମ୍ପାଦକ, କଟକ ଘରୋଇ ବସ ମାଲିକ ସଂଘ**

“ ପ୍ରତିଦିନ ଏହି ରାସ୍ତାରେ ଯିବାକୁ ବିରକ୍ତ ଲାଗୁଛି। ଗାଡ଼ି ଖରାପ ହେବା ସହ ଦୁର୍ଘଟଣା ଘଟିବାର ଡର ମଧ ମନରେ ରହୁଛି। ସହରର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ। ବାହାରୁ ଆସୁଥିବା ଲୋକ କଟକ ପ୍ରବେଶ କରିବା ମାତ୍ରେ ଏଭଳି ସମସ୍ୟା ଭୋଗିବା ସହର ପାଇଁ ନିନ୍ଦନୀୟ। ସମସ୍ୟା ସୁଧାରିବାକୁ ଚେଷ୍ଟା କରାଯାଉ।
**- ଶୁଭେନ୍ଦୁ କୁମାର ସ୍ୱାଇଁ, ବ୍ୟବସାୟୀ**

## ଡେଙ୍ଗୁ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି: ସ୍ୱାସ୍ଥ୍ୟମନ୍ତ୍ରୀ

**କଟକ ଅଫିସ, ୩୧।୭**

କଟକ ସହରରେ କାୟାବିସ୍ତାର କରିବାରେ ଲାଗିଛି ଡେଙ୍ଗୁ। ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ କିଛିମାସ ମଧ୍ୟରେ ସହରରେ ସରକାରୀ ଭାବେ ୮ରୁ ଊର୍ଦ୍ଧ୍ୱ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସହରରେ ବିଭିନ୍ନ ନାଳ ବହୁଦିନ ଧରି ଜାମ୍ ରହୁଥିବାରୁ ସେଠାରେ ଡେଙ୍ଗୁ ମଶା ବଂଶ ବିସ୍ତାର କରିବାରେ ଲାଗିଛି। ଏଥିସହ ବିଭିନ୍ନ ଗ୍ୟାରେଜରେ ପଡିରହିଥିବା ଅବ୍ୟବହୃତ ଟାୟାରରେ ପାଣି ଜମି ଏଡିସ ମଶା ବଢ଼ିବାରେ ଲାଗିଛି। ସହରର ଶିଳ୍ପାଞ୍ଚଳଗୁଡ଼ିକ ଏବେ ଡେଙ୍ଗୁ ମଶାର ଉତ୍ପତ୍ତିସ୍ଥଳ ପାଲଟିଛି। ପ୍ରତିବର୍ଷ ଡେଙ୍ଗୁ କଟକରେ ଭୟଙ୍କର ରୂପ ନେଇଥାଏ। ଖାସ୍‌କରି ଜୁଲାଇରୁ ଏହି ରୋଗ ଆରମ୍ଭ ହୋଇ ସେପ୍ଟେମ୍ବର ପର୍ଯ୍ୟନ୍ତ ଲାଗି ରହିଥାଏ। ସହରର ପରିମଳ ବ୍ୟବସ୍ଥା ଡେଙ୍ଗୁକୁ ଅଧିକ ବ୍ୟାପିବା ପାଇଁ ସୁହାଇଥାଏ। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଘନଘନ ବୈଠକ ବସିଥିଲେ ମଧ୍ୟ ଏହାକୁ ରୋକାଯାଇପାରିନାହିଁ। ଡେଙ୍ଗୁ ସମ୍ପର୍କରେ ସୂଚନା ଦେଇ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗର ସହଯୋଗୀ ପ୍ରଫେସର ତଥା ଡେଙ୍ଗୁ ନୋଡାଲ ଅଫିସର ଶ୍ରୀପ୍ରସାଦ ମହାନ୍ତି କୁହନ୍ତି, ଏସ୍‌ସିବିରେ ୫୦ ବେଡ୍ ବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ବର୍ଷା ଲାଗି ରହିଲେ ଏହି ରୋଗ ବୃଦ୍ଧି ପାଇବ। ତେଣୁ ଲୋକେ ସଚେତନ ରହିବା ଆବଶ୍ୟକ। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ଡେଙ୍ଗୁ ରୋକିବା ସ୍ୱାସ୍ଥ୍ୟ ବିଭାଗ ହାତରେ ନାହିଁ। କିନ୍ତୁ ରୋଗର ମୁକାବିଲା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସର୍ବଦା ପ୍ରସ୍ତୁତ ହୋଇ ରହିଛି। ଏସ୍‌ସିବି ସମେତ ରାଜ୍ୟର ସମସ୍ତ ମେଡିକାଲରେ ଡେଙ୍ଗୁ ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡେଙ୍ଗୁ ମୁକାବିଲା ପାଇଁ ସ୍ୱତନ୍ତ୍ର ୱାର୍ଡ କରାଯିବା ସହ ରୋଗୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି।

■ସ୍କୁଲ ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ

## ରାଜପଥ ଅବରୋଧ କଲେ, ଧାରଣାରେ ବସିଲେ



ଜାତୀୟ ରାଜପଥରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି।

**କଟକ ଅଫିସ, ୩୧।୭**

ବିଭିନ୍ନ ଦାବି ନେଇ ଓଏମ୍‌ପି ଷଷ୍ଠ ବାଟାଲିଆନ ପରିସରରେ ଥିବା ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୁଧବାର ଜାତୀୟ ରାଜପଥ ଅବରୋଧ କରିବା ସହ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଚାଉଳିଆଗଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇବା ପରେ ସେମାନେ ରାସ୍ତା ଅବରୋଧରୁ ହଟିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଫନୀ ବାତ୍ୟାରେ ବିଦ୍ୟାଳୟରେ ଅନେକ କ୍ଷୟକ୍ଷତି ହୋଇଛି। ବାତ୍ୟା ପରଠାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଏନେଇ ଛାତ୍ରୀଛାତ୍ର ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସ୍କୁଲ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବୁଧବାର ଛାତ୍ରୀଛାତ୍ରମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସମାଧାନର ବାଟ ନ ବାହରିବାରୁ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଥିଲେ। ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରୀୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଏ ବାବଦରେ ଥାନାରେ ଅଭିଯୋଗ ହୋଇ ନ ଥିବା ଚାଉଳିଆଗଞ୍ଜ ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ଫୁଲନଖରା,୩୧।୭(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଜରିପଡ଼ା ଗ୍ରାମରେ ବୁଧବାର ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିପିନ ବିହାରୀ ଖଟୁଆ। ସୂଚନା ଅନୁଯାୟୀ, ବିପିନ ସକାଳେ ଭେଣ୍ଡି ତୋଳିବାକୁ ଚାଷ ଜମିକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକ ଜମିରେ ଦେଖିଲା ବେଳକୁ ବିପିନ୍ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବାତ୍ୟା ଫନୀରେ ୧୧କେଭି ବିଦ୍ୟୁତ୍ ଖୁଣ୍ଟ ଶୋଇପଡିବାରୁ ତରବରିଆଭାବେ ଏଗୁଡ଼ିକୁ ସିଧା କରାଯାଇ ବିଦ୍ୟୁତ୍ ଦିଆଯାଇଥିଲା। ମାତ୍ର ପବନରେ ଖୁଣ୍ଟ ପୁଣି ନଇଁ ପଡିବାରୁ ଜମି ଉପରେ ତାର ଝୁଲି ରହିଥିଲା। ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ମନୋରଞ୍ଜନ ଖଟୁଆ କହିଛନ୍ତି। ଏନେଇ ପରିବାର ଲୋକ ଓ ଗ୍ରାମବାସୀ ଗୋପାଳପୁର-ବାଲିକୁଦା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବରପାଇ କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

## ଅଣ ପଞ୍ଜୀକୃତ ପାର୍ଟିକୁ ବିରୋଧ କରାଯାଉ

**କଟକ ଅଫିସ,୩୧।୭**

**ଓଡ଼ିଶା ମେଲୋଡ଼ି ସଂଘର ଦାବି**

ଅଣପଞ୍ଜୀକୃତ ମେଲୋଡ଼ି ପାର୍ଟିର ଦୌରାତ୍ମ୍ୟ ବୃଦ୍ଧିପାଉଛି। ବେନିୟମ ଭାବେ ପାର୍ଟି ଗଠନ କରି ସେମାନେ କଳାକାରଙ୍କ ଭାବାବେଗ ସହ ଖେଳୁଛନ୍ତି। ଓଡ଼ିଶାରେ ମେଲୋଡ଼ି କଳାକାରଙ୍କ ମୁହଁରେ କଳା ବୋଳିବା କ୍ଷେତ୍ରରେ ଏହି ଅଣପଞ୍ଜୀକୃତ ପାର୍ଟିମାନେ ହିଁ ଦାୟୀ। ଅଶ୍ଳୀଳତା ପ୍ରଦର୍ଶନ କରି ସେମାନେ ମେଲୋଡିର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛନ୍ତି। ସେମାନଙ୍କୁ ଯେଉଁମାନେ ସୁଯୋଗ ଦେଉଛନ୍ତି ସେମାନେ ବି ଏଥିପାଇଁ ଦାୟୀ। ଏଣୁ ଆଗାମୀ ପାର୍ବଣ ସମୟରେ ଅଣପଞ୍ଜୀକୃତ ମେଲୋଡ଼ି ପାର୍ଟିକୁ ବିଭିନ୍ନ ପୂଜା କମିଟି କିମ୍ବା ଅନୁଷ୍ଠାନ ବିରୋଧ କରିବାକୁ ନିବେଦନ କରିଛି ଓଡ଼ିଶା ମେଲୋଡ଼ି ଆସୋସିଏଶନ(ଓଏମ୍‌ଏ)। ଓଏମ୍‌ଏର ସହ ସମ୍ପାଦକ ଜିତୁ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଗଣେଶଘାଟସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ଆଲୋଚନା ହୋଇଛି।

ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ଫଳରେ ମେଲୋଡ଼ିର ନାଁ ଖରାପ ହେଉଛି। କୌଣସି ପଞ୍ଜୀକୃତ ମେଲୋଡି ପାର୍ଟି ଏପରି କାର୍ଯ୍ୟ କରେ ନାହିଁ। ସଂଘ ପକ୍ଷରୁ ଏଥିରେ କଟକଣା ବି ଲାଗିଛି। ରାଜ୍ୟର ମୋଟ ୬୬ଟି ମେଲୋଡି ପାର୍ଟି ପଞ୍ଜୀକରଣ କରିବା ସହ ଏହି କଟକଣା ମାନୁଛନ୍ତି। ପ୍ରତିବର୍ଷ ୩ରୁ ୪ଜଣ ମେଲୋଡ଼ି କଳାକାର ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏମାନଙ୍କ ନିମନ୍ତେ ମଧ୍ୟ ସରକାରୀ ସ୍ତରରେ କେବେ କ୍ଷତିପୂରଣ ଦିଆଯାଉନାହିଁ। ଏହାଛଡ଼ା ମେଲୋଡ଼ି କଳାକାରଙ୍କୁ କଳାକାର ଭତ୍ତା ନ ମିଳିବା ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରାଯାଇଛି। ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏହି ଅବସରରେ ଓଏମଏର ସଦସ୍ୟ ସ୍ୱର୍ଗତ ସୁରେଶ ସେଠୀଙ୍କ ପରିବାରକୁ ୫୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ସମ୍ପାଦକ ଶ୍ୟାମ କୁମାର ନାୟାର, ମୁଖ୍ୟ ଉପଦେଷ୍ଟା ପ୍ରଭାତ ରଞ୍ଜନ ବୋଷ, କାର୍ଯ୍ୟକାରୀ ସଭାପତି ଅଞ୍ଜନ କୁମାର ମାହାନା, ଉପସଭାପତି ବୀରେନ୍ଦ୍ର କୁମାର ଦାସ, ସହ ସମ୍ପାଦକ ଜିତୁ ମଙ୍ଗରାଜ, କୋଷାଧ୍ୟକ୍ଷ ପ୍ରଦୀପ୍ତ ମହାପାତ୍ର, ସହ କୋଷାଧ୍ୟକ୍ଷ କୁମୁନ ମହାନ୍ତି ଓ ମୁଖ୍ୟ ସଂଯୋଜକ ଭାବେ ଅରବିନ୍ଦ ବଳିୟାର ସିଂ ନିର୍ବାଚିତ ହୋଇଛନ୍ତି।

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ର

## ହାତଗୁଞ୍ଜା ନ ଦେବାରୁ ରୋଗୀ ସମ୍ପର୍କୀୟଙ୍କୁ ମାଡ଼

**କଟକ ଅଫିସ,୩୧।୭**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରୋଗୀ ଦେଖାଇବାକୁ ଆସିଥିବା ଜଣେ ସମ୍ପର୍କୀୟ ମେଡ଼ିକାଲର ଜଣେ କର୍ମଚାରୀଙ୍କୁ ହାତ ଗୁଞ୍ଜା ନ ଦେବାରୁ ଆକ୍ରମଣର ଶିକାର ହୋଇଛନ୍ତି। ଏ ନେଇ ସମ୍ପର୍କୀୟ ଜଣଙ୍କ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମେଡ଼ିକାଲ କର୍ମଚାରୀଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ଜିଲାର ତରଣୀସେନ ନାଥ ନିଜ ଭିନ୍ନକ୍ଷମ ମା'ଙ୍କୁ ନେଇ ମେଡ଼ିକାଲକୁ ଆସିଥିଲେ। ତରଣୀସେନଙ୍କ ମା ମୈଥି ନାଥ କ୍ୟାନ୍ସରରେ ପୀଡ଼ିତ। ପୂର୍ବରୁ କର୍କଟ କେନ୍ଦ୍ରରେ ମୈଥିଙ୍କର ଅସ୍ତ୍ରୋପଚାର ହୋଇଥିବାବେଳେ ବୁଧବାର ଷ୍ଟିଚ ଖୋଲାଯିବ ବୋଲି ଡାକ୍ତର କହିଥିଲେ। ତେଣୁ ପୂର୍ବାହ୍ନ ୧୦ଟାରୁ ତରଣୀସେନ ମାଙ୍କୁ ଧରି ଆଉଟଡୋର ପାଖରେ ଛିଡ଼ା ହୋଇଥିଲେ। ଟିକେଟ କରିଥିଲେ ମଧ୍ୟ କାହିଁକି ତାଙ୍କର ପାଳି ଆସୁନି ବୋଲି ତରଣୀସେନ ଉକ୍ତ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଅପରାହ୍ନ ୩ଟା ହୋଇ ଯାଇଥିଲେ ମଧ୍ୟ ମାଙ୍କୁ ଧରି ତରଣୀସେନ ସେମିତି ମେଡ଼ିକାଲ ବାରଣ୍ଡାରେ ପଡ଼ି ରହିଥିଲେ। ଏହାପରେ ମେଡ଼ିକାଲର କର୍ମଚାରୀ ଜଣଙ୍କ ତରଣୀସେନଙ୍କ ପାଖକୁ ଆସି କିଛି ଟଙ୍କା ଦିଅ ଡାକ୍ତରଙ୍କୁ କହି ଶୀଘ୍ର କାମ କରାଇ ଦେବି ବୋଲି କହିଥିଲେ। ଏହାକୁ ନେଇ ତରଣୀସେନ ଓ ଉକ୍ତ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଲଥିରେ ଉତ୍କ୍ଷିପ୍ତ ହୋଇ ମେଡ଼ିକାଲ କର୍ମଚାରୀ ଜଣଙ୍କ ତରଣୀସେନଙ୍କୁ ମେଡ଼ିକାଲ ବାରଣ୍ଡାରେ ମାଡ଼ ମାରିଥିଲେ। ଏପରି କି ତରଣୀସେନଙ୍କ ମାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

ଗୋରୁ ବୋଝେଇ ଗାଡ଼ି ଜବତ

## ୬ ଗୋରୁ ଉଦ୍ଧାର: ୨ ଗିରଫ

**କଟକ ଅଫିସ, ୩୧।୭**

ବେଆଇନ ଗୋ ଚାଲାଣ ହେଉଥିବା ଏକ ପିକ୍‌ଅପ ଭ୍ୟାନ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଦାମବାଡି ପୋଲିସ ଜବତ କରିଛି। ଏଥିସହ ସେଥିରେ ଥିବା ୬ଟି ଗୋରୁକୁ ନୂଆବଜାରସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ଉଦ୍ଧାର କରାଯାଇଛି। ଏହି ଘଟଣାରେ କଟକ ଓଡ଼ିଆ ବଜାର ଅଞ୍ଚଳର ଏସ୍.କେ ସଲାମ ଓ ଏସ୍.କେ. ଜିଆଦୁଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବାଲିପାଟଣା ଅଞ୍ଚଳରୁ ଏକ ଗୋରୁ ବୋଝେଇ ଭ୍ୟାନ(ନଂ. ଓଆର୦୨ଏଏନ-୨୬୯୭) ଆସୁଥିବା କେହି ଦୁର୍ବୃତ୍ତ ଫୋନରେ ପୋଲିସକୁ ସୂଚନା ଦେଇଥିଲେ। ଖାନ୍‌ନଗର ଟ୍ରାଫିକ ନିକଟରେ ଦୁଇ ପାର୍ଶ୍ୱରୁ ପୋଲିସ ଗାଡ଼ିକୁ ଅଟକାଇବା ପାଇଁ ଯୋଜନା କରିଥିଲା। ଖାନନଗର ପାର୍କ ନିକଟରେ ଥିବା ହମ୍ପସରେ ଗାଡ଼ିର ଗତି କମିଯିବାରୁ ପୋଲିସ ଉକ୍ତ ଗାଡ଼ିକୁ ଘେରି ଯାଇଥିଲା।

## ସମସ୍ତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**କଟକ ଅଫିସ, ୩୧।୭**

**ସିଏମ୍‌ସିର ବୈଠକ**

**■ଅର୍ଥ କାରବାର ଇ-ପେମେଣ୍ଟରେ କରିବାକୁ ନିର୍ଦ୍ଦେଶ**

**■୫-ଟି କାର୍ଯ୍ୟକାରୀ ଉପରେ ପଦକ୍ଷେପ**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବୁଧବାର ଏକ ବୈଠକ ବିଜୁଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ପ୍ରଶାସନିକ ଅଧିକାରୀ ଅନୀଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ସହରରେ ଡ୍ରେନେଜ ଓ ରାସ୍ତାଘାଟ ସଫେଇ, ରାସ୍ତା ମରାମତି, ଆଲୋକୀକରଣ, ପାର୍କର ଉନ୍ନତିକରଣ, ଶବଦାହ ଚୁଲାର ପୁନରୁଦ୍ଧାର କରିବା, ଧରାହୋଇଥିବା କୁକୁର ରହିବା ନିମନ୍ତେ ୪୦ଟି କୁକୁର ଗୃହର ପୁନରୁଦ୍ଧାର, ଅବସର ନେଇଥିବା କର୍ମଚାରୀଙ୍କ ଜାଗାରେ ନୂତନ କର୍ମଚାରୀ ନିଯୁକ୍ତି କରିବା ସମସ୍ୟା ଉପରେ ବୈଠକରେ ଅଲୋଚନା କରାଯାଇଥିଲା। ସମସ୍ତ ସମସ୍ୟାକୁ ପ୍ରଶାସନିକ ଅଧିକାରୀ ଶୁଣିବା ସହ କେଉଁ ବିଭାଗରେ କେଉଁ ସମସ୍ୟା ରହିଛି କେମିତି ତାହା ସମାଧାନ କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏଥିସହ ୫ଟିକୁ ସବୁ ବିଭାଗରେ ଯେପରି କାର୍ଯ୍ୟକାରୀ କରାଯାଇ ଠିକ ଭାବେ କାମ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ସିଏମ୍‌ସିରେ ଆଦାୟ ହେଉଥିବା ଅର୍ଥ କିମ୍ବା ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ କାରବାର ହେଉଥିବା ଅର୍ଥକୁ ଇ-ପେମେଣ୍ଟ ମାଧ୍ୟମରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଏମ୍‌ସିରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ସହ ଅନ୍ୟାନ୍ୟ ପ୍ରମାଣପତ୍ର ଯେପରି ଅନଲାଇନ୍ ମାଧ୍ୟମରେ ସୁବିଧାରେ ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ ଅନୀଲ କହିଥିଲେ। ସିଏମସିରୁ ଚଳିତବର୍ଷ ଆଦାୟ ହୋଇଥିବା ରାଜସ୍ୱ ଓ ଅନ୍ୟ ସମସ୍ୟା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଦେବାଶିଷ ମହାନ୍ତିଙ୍କ ସମେତ ସିଏମ୍‌ସିର ଯନ୍ତ୍ରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ହୃଦାନନ୍ଦ ରାୟ ସ୍ମୃତି ପରିଷଦ ପକ୍ଷରୁ ସ୍ତମ୍ଭକାର ଓ ସାହିତ୍ୟିକ ଅରୁଣ କୁମାର ପଣ୍ଡାଙ୍କୁ ଅତିଥିମାନେ ହୃଦାନନ୍ଦ ରାୟ ସମ୍ମାନରେ ସମ୍ମାନିତ କରୁଛନ୍ତି।




ନ୍ୟାଶନାଲ ମେଡ଼ିକାଲ କମିଶନ(ଏନଏମ୍‌ସି)ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଅଲ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ବୁଧବାର କଟକ କଲେଜ ଛକ ଠାରେ ବିକ୍ଷୋଭ କରାଯାଉଛି।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ସୂଚନା ଆଇନ ଖୋଲିଲା ଗୁମର ବାଘମାରୀ ଆଶା ଚୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୩୧।୭:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରୀରେ ଆଶା ଚୟନରେ ଅନିୟମିତତା ଅଭିଯୋଗ ଆସିଛି। ସୂଚନା ଆଇନରେ ତଥ୍ୟ ମାଗିବାରୁ ଏହାର ଗୁମର ଖୋଲିଛି। ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀ ଚୟନ କରିବାକୁ ଆବେଦନକାରୀ କମଳିନୀ ବେହେରା ଜିଲାପାଳଙ୍କୁ ବୁଧବାର ଫେରାଦ ହୋଇଛନ୍ତି। ଅନ୍ୟପକ୍ଷେ ରାଜ୍ୟ ମାନବାଧିକାର ଆୟୋଗ, ମୁଖ୍ୟମନ୍ତ୍ରୀଙ୍କୁ ମଧ ସ୍ମାରକପତ୍ର ଦିଆଯାଇଛି। ଅଭିଯୋଗ ଅନୁସାରେ, ଆବେଦନକାରୀ କମଳିନୀଙ୍କ ନଣନ୍ଦ ଆଶା କର୍ମୀ ଭାବେ କାମ କରୁଥିଲେ। ୨୦୧୮ ଜୁଲାଇ ୨୭ରେ ତାଙ୍କର ମୃତ୍ୟୁ ପରେ ପ୍ରାୟ ୨ ମାସ ଧରି କମଳିନି ଆଶା ଭାବେ ବେସରକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ନଣନ୍ଦଙ୍କର ମୃତ୍ୟୁ ପ୍ରମାଣ ପତ୍ର ବାହାରିବା ପରେ ଆଶା ଚୟନ ପାଇଁ ବିଜ୍ଞପ୍ତି ବାହାରିଥିଲା। କମଳିନୀଙ୍କ ସମେତ ଅନ୍ୟମାନେ ଆବେଦନ କରିଥିଲେ। ହେଲେ ଆଶା ଚୟନ କାର୍ଯ୍ୟ ଶେଷ ହୋଇଥିଲେ ମଧ ନିଯୁକ୍ତି ଦିଆଯାଉ ନ ଥିଲା। କମଳିନୀ ଏଥିରେ ଆଶା ଭାବେ ନିୟୋଜିତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ସମୟ ଗଡା ଯାଇଥିଲା। ପରେ ପୁଣି ୨ୟ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

### ଖୋର୍ଦ୍ଧାରୋଡ୍ ଆର୍‌ପିଏଫ୍ ପକ୍ଷରୁ ବୃକ୍ଷରୋପଣ



**ଜଟଣୀ, ୩୧।୭(ଡି.ଏନ.ଏ.):** ରେଲୱେ ସୁରକ୍ଷା ବଳ ପକ୍ଷରୁ ଜଟଣୀସ୍ଥିତ ଆର୍‌ପିଏଫ୍ ବ୍ୟାରେକ୍ ମଧରେ ବୁଧବାର ବୃକ୍ଷରୋପଣ କରାଯାଇଥିଲା। ଖୋର୍ଦ୍ଧାରୋଡ଼ ଡିଭିଜନ ଆର୍‌ପିଏଫ୍‌ର ବରିଷ୍ଠ ସିକ୍ୟୁରିଟି କମିଶନର ପି.ଶଙ୍କର କୁଟି, ଆସିଷ୍ଟାଣ୍ଟ କମିଶନର ବରୁଣ ବେହେରା ଚାରା ରୋପଣ କରି ଏହାକୁ ଆରମ୍ଭ କରିଥିଲେ। ଖୋର୍ଦ୍ଧାରୋଡ ଆର୍‌ପିଏଫ୍ ଥାନା ଇନ୍ସପେକ୍ଟର ବିଦ୍ୟାଧର ବାରିକ ଓ ଅନ୍ୟ ଯବାନମାନେ ବାରାକ୍ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ବାତ୍ୟା ଫନୀରେ ବ୍ୟାପକ ଗଛ ନଷ୍ଟ ହୋଇଥିବା ଦୃଷ୍ଟିରେ ରଖି ଡିଭିଜନ ଅନ୍ତର୍ଗତ ବିଭିନ୍ନ ଆର୍‌ପିଏଫ୍ ଥାନା ଓ ବାରାକ୍ ପରିସରରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଇନ୍ସପେକ୍ଟର ବାରିକ କହିଥିଲେ।

### ପରୀ-୩ରେ ୫ ଶିଶୁ କିଶୋର ଶ୍ରମିକ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୩୧।୭:** ପୋଲିସ, ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଏନଜିଓ ପକ୍ଷରୁ ଚାଲୁ ରହିଥିବା ମିଳିତ ଚଢ଼ାଉ ପରୀ -୩ରେ ବୁଧବାର ୫ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁମାନେ ଶିଶୁ କିଶୋର ଶ୍ରମିକ ବୋଲି ଜଣାପଡିଛି। ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଚଢ଼ାଉର ୨ୟ ଦିବସରେ ବରୁଣେଇ, ଜଜଗାବଲିଆ ଓ ଅମ୍ବିକା ହୋଟେଲରୁ ୩ ଜଣ, ଫୁଡ ପ୍ଲାଜାରୁ ଜଣେ ଉଦ୍ଧାର ହୋଇଥିଲେ। ସେହିପରି ପିଏନ କଲେଜ ନିକଟସ୍ଥ ଅଞ୍ଚଳରେ କେବୁଲ କାମ ଚାଲିଥିବାବେଳେ ଅନ୍ୟ ଜଣେ ଶିଶୁ କିଶୋର ଉଦ୍ଧାର ହୋଇଛନ୍ତି। ଏମାନଙ୍କୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇ ଜଟଣୀ ଓପନ ସେଲ୍ଟରରେ ରଖା ଯାଇଥିବା ଜିଲା ମୁଖ୍ୟାଳୟର ମାନବାଧିକାର ସୁରକ୍ଷା ସେଲର ଇନ୍ସପେକ୍ଟର ଅର୍ଚ୍ଚନା ମଲ୍ଲିକ ସୂଚନା ଦେଇଛନ୍ତି।

### ବିଧାନସଭା ତଥ୍ୟ : ଖୋର୍ଦ୍ଧାରୁ ହେଉନି ଗୋଚାଲାଣ

# ଉଦ୍ଧାର ଗୋରୁ ଯାଉଛନ୍ତି କୁଆଡ଼େ

## ଲୋକେ ଗୋରୁ ଗାଡ଼ି ଜବତ କରି ପୋଲିସ ଜିମା ଦେଉଛନ୍ତି

**ଖୋର୍ଦ୍ଧା ଅଫିସ,୩୧।୭**

ବିଧାନସଭାରେ ଉପସ୍ଥାପିତ ତଥ୍ୟରେ ଖୋର୍ଦ୍ଧା ଜିଲାରେ ଗୋଚାଲାଣ ହେଉନାହିଁ। ହେଲେ ପ୍ରକୃତପକ୍ଷେ ଜିଲାରୁ ଅତି ଅମାନୁଷିକ ଭାବେ ଗୋଚାଲାଣ ଚାଲିଛି। ପ୍ରତିମାସରେ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଗୋରୁ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଅଭିଯୋଗ ରହିଛି। ହେଲେ ଏଠାରେ ଲୋକେ ପ୍ରଶ୍ନ ଉଠୁଛି ଜିଲାରୁ ଉଦ୍ଧାର ହେଉଥିବା ଗୋରୁ ଯାଉଛନ୍ତି କୁଆଡେ। ବେଆଇନ ଗୋଚାଲାଣକାରୀଙ୍କ ଉପରେ ପୋଲିସର ଆଶୀର୍ବାଦ ରହୁଥିବାରୁ ଧରା ପଡିବା ଅଥବା ନ ପଡିବା କିଛି ଫରକ ପଡୁନି। ମାସିକିଆ କୋଟା ନ ମିଳିଲେ ଚଢ଼ାଉ, କୋଟା ମିଳିଗଲେ ଜାଣିଶୁଣି ବିଳମ୍ବରେ ପୋଲିସ ଆସିଥାଏ। ଭିତିରି ଭାବେ ପୋଲିସ ଗୋଚାଲାଣକାରୀଙ୍କ ସହ ହାତ ମିଳାଇ ଆଗୁଆ ଖବରଦେଇ ଶୀଘ୍ର ପଳାଇ ଯାଅ ବୋଲି କହିଥାଏ ବୋଲି ଜଣେ ଗୋଚାଲାଣକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଲୋକଦେଖାଣିଆ ପୋଲିସ କେବଳ ଚଢ଼ାଉ କରିଥାଏ। ପୋଲିସ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ନ ଛାଡି ପୁଣି ବ୍ୟବସାୟଙ୍କୁ ଦେଉଥିବା ସନ୍ଦେହ ଉପୁଜୁଛି। ଏହାର ଯାଞ୍ଚ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ।

୨୦୧୪ରେ ଏକ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତକରି ଜିଲାପାଳ ଓ ଏସ୍‌ପିମାନଙ୍କୁ ବେଆଇନ ଗୋଚାଲାଣ ଉପରେ କଡାକଡି କାର୍ଯ୍ୟାନୁଷ୍ଠାନ ନେବାକୁ ଆଦେଶ ଦେଇଥିଲେ। ବେଆଇନ ଗୋଚାଲାଣ ରୋକିବାକୁ ଜାତୀୟ ରାଜପଥଗୁଡିକରେ ଅଧିକ ସଂଖ୍ୟକ ପୋଲିସ ମୁତୟନ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋହତ୍ୟା ନିରୋଧ ଆଇନ, ଜୀବ ନିଷ୍ଠୁରତା ନିରୋଧ ଆଇନ, ଏମ୍‌ଭି ଆକ୍ଟ ଆଦିକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଥିଲା। ହେଲେ ଗୋଚାଲାଣ ରୋକିବାରେ ପୋଲିସର ଆନ୍ତରିକତା ଅଭାବରୁ ଏହି ଆଦେଶ ଅଣଦେଖା ହୋଇ ରହିଯାଇଛି। ଅଧିକାଂଶ ସମୟରେ ପୋଲିସ କାମ ଲୋକ କରୁଥିବା ଦେଖିବାକୁ ମିଳୁଛି। ଲୋକେ ଗୋରୁ ବୋଝେଇ ଗାଡି ଧରି ପୋଲିସ ଜିମା ଦେଉଛନ୍ତି। ଯାହାର ନଜିର ଲୋକଙ୍କଠାରୁ ଅଭିଯୋଗ ପାଇ ୨୦୧୬ ଡିସେମ୍ବର ୨୩ରେ ଗୋଚାଲାଣ ହେଉଥିବା ସମୟରେ କୁସୁପଲ୍ଲୀରୁ ବେଗୁନିଆ ପୋଲିସ ଟ୍ରକରୁ ୧୭ଟି ଗୋରୁ ଉଦ୍ଧାର କରିଥିଲା। ଟ୍ରକ ଚାଳକ ଫେରାର ହୋଇଯାଇଥିଲେ। ଏହିପରି ଖୋର୍ଦ୍ଧା ଟାଉନ ଥାନା ଓ ଜଙ୍କିଆ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଗୋରୁ ବୋଝେଇ ଗାଡି ଜବତ ହୋଇଛି। ହେଲେ ବିଧାନସଭା ତଥ୍ୟ କହୁଛି ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରେ ଗୋଚାଲାଣ ହେଉନାହିଁ। ନୟାଗଡ ଜିଲାରେ ୧୯୧, ବାଲେଶ୍ୱର ଜିଲାରେ ୮୭ ଏପରି ମୋଟରେ ୨୭୮ ଗୋରୁ ଉଦ୍ଧାର ବେଳେ ୨୩ ଜଣ ଗିରଫ ହୋଇଛନ୍ତି। ଗୋହତ୍ୟା ନିରୋଧ ଆଇନ ୧୯୬୦, ଜୀବ ନିଷ୍ଠୁରତା ନିରୋଧ ଆଇନ ୧୯୫୬, ଏମ୍‌ଭି ଆକ୍ଟ ଖୋଲାଖୋଲି ଖୋର୍ଦ୍ଧା ଜିଲାରେ ଉଲ୍ଲଂଘନ ଚାଲିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗୋଚାଲାଣ ପାଇଁ ପରିବହନ ବିଭାଗଠାରୁ ଅନୁମତି ଜରୁରୀ। ବିନା ଅନୁମତିରେ ଗୋଚାଲାଣ ହେଉଥିବାବେଳେ ପରିବହନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଆଇନ ମୁତାବକ ୬ ମାସ ଜେଲଦଣ୍ଡ ଓ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଦେବାର ନିୟମ ରହିଛି। ଏହି ଗୋରୁଚାଲାଣ ସନାତନ ଧର୍ମ ପ୍ରତି କୁଠାରାଘାତ କରୁଛି ବୋଲି ଅଭିଯୋଗ ହେଉଥିଲେ ମଧ ଏହାର ପ୍ରତିକାର ନାହିଁ।

### ଗୋରୁ ଟ୍ରକ୍ ପାର କରିବାରେ ପାଇଲଟିଂ ବ୍ୟବସ୍ଥା

ଗୋଚାଲାଣକାରୀ ଗୋରୁ ଗାଡି ନେବା ସମୟରେ ଆଗରେ ଓ ପଛରେ ପାଇଲଟିଂ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ପାଇଲଟିଂ କରୁଥିବା ଯୁବକମାନେ ମାରଣାସ୍ତ୍ର ସହ ବନ୍ଧୁକ ଓ ବୋମା ରଖିଥାନ୍ତି। ପରିସ୍ଥିତି ଅନୁଯାୟୀ ଏହାକୁ ବ୍ୟବହାର କରିଥାନ୍ତି। ପାଇଲଟିଂ କରୁଥିବା ଯୁବକମାନେ ବାଇକ୍ ଓ କାର ଯୋଗେ ରାସ୍ତା କ୍ଲିଅର କରି ସିଗ୍‌ନାଲ ଦେଲେ ଗୋରୁ ବୋଝେଇ ଗାଡି ଆଗକୁ ଯାଇଥାଏ। ବାଟରେ ପାଟ୍ରୋଲିଂ କରୁଥିବା ପୋଲିସକୁ ପାଇଲଟିଂ ଗାଡିର ଯୁବକମାନେ ଟଙ୍କା ଦେବା ପରେ ଗୋରୁ ବୋଝେଇ ଟ୍ରକ ଓ କଣ୍ଟେନରକୁ ଛାଡି ଦିଆଯାଉଛି ବୋଲି ଜଣେ ପ୍ରତକ୍ଷଦର୍ଶୀ ନାମ ଗୋପନ ରଖିବା ସର୍ତ୍ତରେ ଦର୍ଶାଇଛନ୍ତି। ଆଗରୁ ରାଜପଥରେ ଗୋରୁଙ୍କୁ ଟ୍ରକ୍‌ରେ ପାଲ ପକାଇ ନିଆଯାଉଥିଲା। ହେଲେ କେତେକ ସ୍ଥାନରେ ଚଢାଉ ପରେ ଏବେ କଣ୍ଟେନରରେ ଗୋରୁଙ୍କୁ ଭର୍ତ୍ତି କରି କଲିକତା, ଆନ୍ଧ୍ରକୁ ଚାଲାଣ ହେଉଥିବା ଜଣେ ବ୍ୟବସାୟୀ ନାମ ଗୋପନ କରିବା ସର୍ତ୍ତରେ କହିଛନ୍ତି। ଏପରିକି ଏକାଧିକ ଗୋରୁ ବୋଝେଇ ଗାଡି ଏକା ସାଙ୍ଗରେ ବିଳମ୍ବିତ ରାତିରେ ଖୁବ୍ ଦ୍ରୁତଗତିରେ ରାଜପଥରେ ଯାଉଛନ୍ତି। ସେମାନଙ୍କୁ ପାଇଲଟିଂ ଗାଡି ବାଟ କଢାଇ ନେଉଛି।



ମହିଳା ମହାସଂଘର ନିର୍ବାଚନ ବାତିଲ ଲାଗି ଜିଲାପାଳଙ୍କୁ ଫେରାଦ ହେବାକୁ ଯାଇଛନ୍ତି ।

### ନିର୍ବାଚନରେ ଅନିୟମିତତା ନେଇ ଜିଲାପାଳଙ୍କୁ ଫେରାଦ

# ମଦର ଟେରେସା ମହିଳା ମହାସଂଘର ନିର୍ବାଚନ ବାତିଲ୍ ଦାବି

**ଖୋର୍ଦ୍ଧା ଅଫିସ,୩୧।୭:**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତ ମଦର ଟେରସା ମହିଳା ମହାସଂଘର ନିର୍ବାଚନରେ ଅନିୟମିତତା କରାଯାଇ କ୍ଷମତା ଦଖଲ କରିବାକୁ ଚେଷ୍ଟା କରାଯାଇଛି। ଏ ନେଇ ମହାସଂଘର ସଦସ୍ୟମାନେ ବୁଧବାର ଜିଲାପାଳଙ୍କୁ ଫେରାଦ ହୋଇ ନିର୍ବାଚନ ବାତିଲ୍ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ସରକାରୀ ନୀତିନିୟମରେ ପୁଣି ମତଦାନ କରିବାକୁ ସୁଯୋଗ ଦେବାକୁ ଅନୁରୋଧ କରାଯାଇଛି। ସଭାନେତ୍ରୀ ପ୍ରାର୍ଥିନୀ ମମତା ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ୨୯ ତାରିଖରେ ମଦର ଟେରସା ମହିଳା ମହାସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନିର୍ବାଚନ ପରିଚାଳନା କରିବାକୁ ଟାଙ୍ଗୀ ବ୍ଲକ ବିପିଏମ୍ ସୁମିତ୍ରା ପରିଡା, ବିଏଲସି ରଶ୍ମିତା ବେହେରା, ଏମବିକେ ଓ ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନା କରିବାକୁ ଆସିଥିବା କର୍ମଚାରୀମାନେ ସଭ୍ୟମାନଙ୍କର ଦସ୍ତଖତକୁ ସାଦା କାଗଜରେ ନେବାରୁ ପ୍ରତିବାଦ ହୋଇଥିଲା। ଯେଉଁ ସଭ୍ୟ ପ୍ରତିବାଦ କରିଥିଲେ ତାଙ୍କୁ ଦୁର୍ବ୍ୟବହାର ଦେଖାଯାଇ କାଢ଼ି ଦିଆଯାଇଥିଲା। ପରେ ଯଦିଓ ଚାପା ଉତ୍ତେଜନା ଦେଖା ଦେଇଥିଲା ତେବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଭାନେତ୍ରୀ ଭାବେ ଯେଉଁମାନେ ପ୍ରାର୍ଥିନୀ ହେବେ ସେମାନଙ୍କୁ ଠିଆ ହେବାକୁ କୁହାଯାଇଥିଲା। ମମତା ପ୍ରଧାନ ଓ ରୀତାଞ୍ଜଳୀ ସାମନ୍ତରାୟ ଦୁଇ ଜଣ ପ୍ରାର୍ଥିନୀ ହେବା ପାଇଁ ଠିଆ ହୋଇଥିଲେ। ମତଦାନ କରିବା ପାଇଁ ସଭ୍ୟମାନଙ୍କୁ ମମତାଙ୍କ ପାଇଁ ୧ ଓ ରୀତାଞ୍ଜଳିଙ୍କ ପାଇଁ ୨ ମିନିଟ୍ କହିବାକୁ କୁହାଯାଇଥିଲା। ସଭ୍ୟମାନେ କହିବା ବେଳେ ନିୟୋଜିତ କର୍ମଚାରୀ ୨ ଲେଖିଥିଲେ। ନିର୍ବାଚନରେ ଚାଲିଥିବା ଅନିୟମିତତାକୁ ବିରୋଧ କଲେ ମଧ ସୁଫଳ ମିଳି ନ ଥିଲା। ଏଣୁ ସଭାନେତ୍ରୀ ଓ ସମ୍ପାଦିକାଙ୍କ ନିର୍ବାଚନକୁ ଛାଡି ଦେଲେ ଅନ୍ୟ ନିର୍ବାଚନ ହୋଇ ପାରି ନ ଥିଲା । ଅନ୍ୟପକ୍ଷେ ମତଦାନ ପାଇଁ ୨ଟି ବାକ୍ସ ଓ ଏଜେଣ୍ଟ ରଖାଯିବା ନିୟମ ରହିଥିବା କହିଥିଲେ ମଧ ନିୟୋଜିତ କର୍ମଚାରୀମାନେ କୌଣସି ଅଭିଯୋଗ ଶୁଣି ନ ଥିଲେ । ଏହି ଅନିୟମିତତା ବିପିଏମ୍ ଓ ବିଏଲସି କରିଛନ୍ତି ବୋଲି ମମତା ଓ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ୭ ଦିନ ମଧରେ ଏହାର ବିଚାର କରା ନ ଗଲେ ୯ ତାରିଖରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହିଳା ସଦସ୍ୟାମାନେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି ।

# ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଆମ୍ବୁଲାନ୍ସର ଶୁଭାରମ୍ଭ

## ୩ଟି ଆମ୍ବୁଲାନ୍ସ ଜିଲା ପରିକ୍ରମା କରି ଯୋଗାଇବ

**ଖୋର୍ଦ୍ଧା ଅଫିସ,୩୧।୭**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଖୋର୍ଦ୍ଧା ଜିଲାର ଗ୍ରାମାଞ୍ଚଳ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍‌ସ ଫୋରମ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର ମିଳିତ ଉଦ୍ୟମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଆମ୍ବୁଲାନ୍ସର ଉଦ୍‌ଘାଟନ ବୁଧବାର ହୋଇଛି। ସ୍ଥାନୀୟ ବିଡ଼ିଏ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ସେବାକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସିତାଂଶୁ କୁମାର ରାଉତ, ସିଡିଏମଓ ବିଜୟ କୁମାର ମହାପାତ୍ର ଉପସ୍ଥିତ ଥିଲେ। ତିନିଗୋଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଅଗଷ୍ଟ ମାସର ପ୍ରଥମ ରବିବାରରୁ ଆରମ୍ଭ ହେବ। ଆମ୍ବୁଲାନ୍ସ ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବ। ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବରରେ କେଉଁ କେଉଁ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବେ ତା'ର ଏକ କାର୍ଯ୍ୟ ସୂଚୀ ବଣ୍ଟନ କରାଯାଇଛି। ଏଥିରେ ଅଗଷ୍ଟର ପ୍ରଥମ ଓ ତୃତୀୟ ରବିବାର ସାନ ନଇରି ଓ ୨ୟ ଓ ଚତୁର୍ଥ ରବିବାର ରାମଚନ୍ଦ୍ରପୁର ଗାଁରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କୁହାଯାଇଛି। ପିପୁଲସ ଫୋରମର ମୁଖ୍ୟ ଗୋବିନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିବା ବେଳେ ରକ୍ତଦାନ ଶିବିର ମଧ ଅନୁଷ୍ଠିତ ହୋଇଥିଲା। ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା, ଶିଶୁ ଓ ବୃଦ୍ଧ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାରମ୍ଭରେ ଡ଼ିଏଭି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

### ଯୁବ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ

**ଖୋର୍ଦ୍ଧା ଅଫିସ,୩୧।୭**

ଖୋର୍ଦ୍ଧା ଜିଲା ଯୁବ ରେଡକ୍ରସ ଶାଖା ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସୌଦାମିନୀ ଦାସଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ରେଡକ୍ରସ ରାଜ୍ୟ ଶାଖାର ଯୁଗ୍ମ ସମ୍ପାଦକ ଦୁର୍ଗା ଶଙ୍କର ଷଡଙ୍ଗୀ ଯୋଗଦେଇ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ପରାମର୍ଶଦାତାମାନଙ୍କୁ ରେଡକ୍ରସର ବିଭିନ୍ନ କାର୍ଯ୍ୟଧାରା ଉପରେ ଟିପ୍ପଣୀ ଦେଇଥିଲେ। ଜିଲା ସଂଯୋଜକ ଲକ୍ଷ୍ମୀ ପ୍ରସାଦ ମିଶ୍ର ଯୁବ ରେଡକ୍ରସ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଏହାର ନିରାକରଣ ଉପରେ ଟିପ୍ପଣୀ ଦେଇଥିଲେ। ଗ୍ରାମୀଣ ମହାବିଦ୍ୟାଳୟ ବାଣପୁରର ସର୍ବେଶ୍ୱର ଷଡଙ୍ଗୀ, ବୋଲଗଡ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ପଣ୍ଡା ଓ ଅନ୍ୟ ଉପଦେଷ୍ଟାମାନେ ଯୋଗ ଦେଇ ଯୁବ ରେଡକ୍ରସ ଶାଖାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଜିଲା ଆବାହକ ତଥା ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ସୁବୋଧ କୁମାର ଜଗଦ୍ଦେବ ସ୍ୱାଗତ ଭାଷଣ ଓ ଶୈଳେଶ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧିବେଶନ



ମଞ୍ଚାସୀନ ଅତିଥି ଆଲୋଚନା କରୁଛନ୍ତି।

**କୃଷ୍ଣପ୍ରସାଦ,୩୧।୭(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ୬ଷ୍ଠ ବାର୍ଷିକ ଅଧିବେଶନ ବୁଧବାର ପଞ୍ଚାୟତ ସମିତି ସଭାଗୃହରେ ଅଧକ୍ଷା ସୌଦାମିନୀ ମାନସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଡିଓ ଅଭିମନ୍ୟୁ ମାଝି, ତହସିଲଦାର ଜିତେନ୍ଦ୍ର କୁମାର ନାୟକ, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ, ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ, ବନ୍ଦନା ପ୍ରଧାନ, ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ର, ମୁଖ୍ୟକିରାଣି ରୂପକ କୁମାର ରାଉତରାୟ, ବରିଷ୍ଠ କିରାଣି ପୂର୍ଣ୍ଣଚନ୍ଦ୍ର କାଣ୍ଡି ପ୍ରମୁଖ ଯୋଗଦେଇଥିଲେ । ଫନୀ ବାତ୍ୟାଜନିତ ସହାୟତା ରାଶି, ବିପନ୍ନଙ୍କୁ ପଲିଥିନ ଯୋଗାଇଦେବା, ଚାଷୀ ଓ ଜମିମାଲିକଙ୍କ ନିମନ୍ତେ ସ୍ୱତନ୍ତ୍ର ଆଇନ, ବଣ୍ଟନ ବଦଳରେ ଚୁଡ଼ା ପୋତାଯିବା ଘଟଣା, ରିଲିଫ୍‌ରୁ ବଞ୍ଚିତ ବିପନ୍ନଙ୍କୁ ଶୀଘ୍ର ସହାୟତା, ପକ୍କାଘର ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ନୂଆପଡା ପଞ୍ଚାୟତ ତରଫରୁ ଜହ୍ନିକୁଦାଠାରୁ ସାତପଡା ପର୍ଯ୍ୟନ୍ତ ଚିଲିକାରେ ଏକ ନୂତନ ଘାଟ ସ୍ଥାପନ ନିମନ୍ତେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟମାନେ ଦାବି କରିଥିଲେ। ବିଧାୟକ ମହାପାତ୍ର ଫନୀ ବାତ୍ୟା ସମୟରେ ଏବଂ ପରେ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଜିଲାପାଳଙ୍କ ସହିତ ଆଲୋଚନା କରିଥିବା ପ୍ରକାଶ କରିଥିଲେ। କୃଷ୍ଣପ୍ରସାଦର ବିକାଶ ପାଇଁ ଯାହାସବୁ ଆବଶ୍ୟକ ଅଛି ସେ ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ କହିଥିଲେ।

### ରି ଆଡମିଶନ ଫି କମ ଓ ଅଧକ୍ଷଙ୍କ ଦୁର୍ବ୍ୟବହାରର ପ୍ରତିବାଦ

# ଜିଲାପାଳଙ୍କୁ ଫେରାଦ ହେଲେ ଅରୁଗୁଳ କଲେଜ ଛାତ୍ର

**ଖୋର୍ଦ୍ଧା ଅଫିସ,୩୧।୭:**



ଅରୁଗୁଳ କଲେଜର ଛାତ୍ରମାନେ ଜିଲାପାଳଙ୍କୁ ଫେରାଦ ହେଉଛନ୍ତି ।

ରି ଆଡିମିଶନ ଫି କମ୍ ଓ ଅଧକ୍ଷଙ୍କ ଦୁର୍ବ୍ୟବହାରର ପ୍ରତିବାଦ କରି ଜଟଣୀ ଅରୁଗୁଳର ଶରତ ପାଇକରାୟ ଜୁନିଅର ମହାବିଦ୍ୟାଳୟର ଛାତ୍ରମାନେ ବୁଧବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ରି ଆଡିମିଶନ ଫି କମ ନେଇ ଗତ ଜୁଲାଇ ୮ ତାରିଖରେ ଅଧକ୍ଷଙ୍କୁ ଛାତ୍ରୀଛାତ୍ର ଭେଟିଥିଲେ। ତେବେ କିଛି ନବୁଝି ଅଧକ୍ଷ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରି ତଡି ଦେଇଥିଲେ। ପରଦିନ ଜୁଲାଇ ୯ ରେ କଲେଜରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିଲା। ତେବେ ଆଲୋଚନା ନ କରି ଅଧକ୍ଷ ଆନ୍ଦୋଳନରତ ଦୁଇ ଛାତ୍ରଙ୍କୁ ଜଟଣୀ ଥାନା ପୋଲିସକୁ ଦେଇଥିଲେ। ସେହିଦିନଠାରୁ ଆନ୍ଦୋଳନ ଚାଲୁ ରହିଥିଲେ ମଧ ଅଧକ୍ଷ କିଛି ଶୁଣୁ ନାହାନ୍ତି। ବରଂ ଧମକ ଚମକ ଦେଇ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ପ୍ରଚେଷ୍ଟା ଜାରି ରଖିଥିବା ଅଭିଯୋଗ ହୋଇଛି । କଲେଜରେ ଛାତ୍ର ଅଶାନ୍ତି ନେଇ ଗତ ୨୦ ତାରିଖରେ ଗଣମାଧମର ପ୍ରତିନିଧି ପଚାରିବାରୁ ଅଧକ୍ଷ କିଛି ଜାଣି ନ ଥିବା କହି ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। କଲେଜର ସଭାପତିଙ୍କୁ ଭେଟିଥିଲେ ମଧ ଆନ୍ଦୋଳନକାରୀମାନେ ସୁଫଳ ପାଇନାହାନ୍ତି ।

### ରାମେଶ୍ୱରରେ ୧୧ରେ ଆନ୍ତର୍ଜାତିକ ଗ୍ରୀନ୍ ୱାକ୍‌ଥନ

# ପ୍ରତିନିଧିତ୍ୱ କରିବେ ୧୪ ଦେଶର ବିଭିନ୍ନ ପ୍ରତିଭୂ

**ଖୋର୍ଦ୍ଧା ଅଫିସ,୩୧।୭:**

ସାମାଜିକ, ସାଂସ୍କୃତିକ ଓ ସାରସ୍ୱତ ଅନୁଷ୍ଠାନ ପ୍ରେରଣା ଗ୍ରିନ୍ ଆର୍ମି ପକ୍ଷରୁ ଅଗଷ୍ଟ ୧୧ ରେ ରାମେଶ୍ୱରଠାରେ ଆନ୍ତର୍ଜାତିକ ଗ୍ରିନ୍ ୱାକ୍‌ଥନ୍, ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ, ପରିବେଶପ୍ରେମୀ ଓ ପରିବେଶ ବିଜ୍ଞାନୀମାନଙ୍କର ଏକ ସମ୍ମିଳନୀ, ରାଜ୍ୟସ୍ତରୀୟ କବି ଓ ଲେଖକମାନଙ୍କ ସମାବେଶ ଆୟୋଜିତ ହେବ। ଏହି ୱାକ୍‌ଥନ୍‌ରେ ଶ୍ରୀଲଙ୍କା, ଆମେରିକା, ଋଷିଆ, ଥାଇଲାଣ୍ଡ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଆଦି ୧୪ରୁ ଉର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗଦାନ କରିବେ। ସେହିପରି ରାଜ୍ୟର କୋଣ ଅନୁକୋଣରୁ ବୃକ୍ଷପ୍ରେମୀ, ପରିବେଶ ବିଜ୍ଞାନୀ ଯୋଗଦେଇ ବିଶ୍ୱ ତାପନ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଅଦିନିଆ ଝଡ଼ବର୍ଷା, ଉତାପ ବୃଦ୍ଧି ଆଦିର କାରଣ ନିରାକରଣ ସମ୍ପର୍କରେ ଆଲୋଚନା କରିବେ। ଅନୁରୂପ ଭାବେ ରାଜ୍ୟର ପ୍ରତ୍ୟେକ ଜିଲାରୁ ସାହିତ୍ୟିକମାନେ ଆସି ଗଛ ସମ୍ପର୍କରେ କବିତା, ଗଳ୍ପ ଆଦି ପାଠ କରିବେ। କଣ୍ଠଶିଳ୍ପୀମାନେ ସବୁଜ ସଙ୍ଗୀତ ଗାନ କରିବାରେ ଓ ଚିତ୍ରଶିଳ୍ପୀମାନେ ବୃକ୍ଷ ଓ ଜୀବନ ସମ୍ପର୍କରେ ଚିତ୍ର ଆଙ୍କିବେ। ସେହିପରି ସ୍କୁଲ କଲେଜର ଛାତ୍ରୀଛାତ୍ରମାନଙ୍କ ମଧରେ ଆମ ପରିବେଶ ଆମ ଜୀବନ ସମ୍ପର୍କରେ ରାଜ୍ୟସ୍ତରୀୟ କବିତା, ଗଳ୍ପ, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରାତିଯୋଗିତା ଆୟୋଜିତ ହେବ। ଏହି ସବୁଜ ସମାବେଶରେ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ରାଜନୈତିକ ଦଳର ନେତୃମଣ୍ଡଳୀ, ଯାତ୍ରା ତଥା ଚଳଚ୍ଚିତ୍ର ଜଗତର ଅଭିନେତା, ଅଭିନେତ୍ରୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଆଇନଜୀବୀ, ଶିକ୍ଷକ, ଅଧାପକ, ସାମ୍ବାଦିକ ଓ ଛାତ୍ର ତଥା ଯୁବକମାନେ ଯୋଗ ଦେବେ। ଅନ୍ୟପକ୍ଷେ ବୃକ୍ଷରୋପଣ କରାଯିବ। ଏହି କାର୍ଯ୍ୟକ୍ରମ ବିଷୟରେ ସର୍ବିଶେଷ ତଥ୍ୟ ଓ ଯୋଗଦାନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ କାର୍ଯ୍ୟକ୍ରମ ସଂଯୋଜକ ବିପିନ୍ ଜୟସିଂହ ଏବଂ ରମାକାନ୍ତ ମହାପାତ୍ରଙ୍କୁ ଯୋଗାଯୋଗ କରିପାରିବେ ବୋଲି ପ୍ରେରଣା ଗ୍ରିନ୍ ଆର୍ମିର ଚିଫ୍ କମାଣ୍ଡର ଦିଲୀପ ଶ୍ରୀଚନ୍ଦନ, ସଞ୍ଜୟ ପଟ୍ଟନାୟକ ଓ ବିଶ୍ୱମୋହନ ପଟ୍ଟନାୟକ ପ୍ରମୁଖ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନକୁ ବିରୋଧ ପରେ ଉତ୍ତେଜନା

# ଜବରଦଖଲ ଉଚ୍ଛେଦ ଦାବିରେ ବାଣପୁର ତହସିଲ ଘେରାଉ

**ଖୋର୍ଦ୍ଧା ଅଫିସ,୩୧।୭**



ଗ୍ରାମବାସୀମାନେ ବାଣପୁର ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

ବାଣପୁର ତହସିଲ ଭାଟପଡା ବାଞ୍ଛାନିଧିପୁର ଗ୍ରାମର ଗୋଚର ଜମିରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ବେଳେ ଜବରଦଖଲକାରୀ ବିରୋଧ କରିବାକୁ ଉତ୍ତେଜନା ପ୍ରକାଶ ପାଇଛି। ଜବରଦଖଲ ଉଚ୍ଛେଦ କରିବା ସହ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିବା ଲାଗି କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସହଯୋଗ ପାଇଁ ଗ୍ରାମବାସୀ ବାଣପୁର ତହସିଲଦାରଙ୍କ କାର୍ଯ୍ୟାଳୟ ବୁଧବାର ଘେରାଉ କରିଥିଲେ। ଅଭିଯୋଗ ଅନୁସାରେ, ଭାଟପଡା ବାଞ୍ଛାନିଧିପୁର ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ଦୀର୍ଘଦିନ ହେବ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଗ୍ରାମବାସୀଙ୍କ ଦାବି ମୁତାବକ ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଜାଗା ଯୋଗାଇ ଦେବାକୁ ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଥିଲା। ଠେକୁଆପଲ୍ଲୀ ମୌଜାରେ ଥିବା ପ୍ଲଟ ନଂ. ୩୦୬୯ ଗୋଚର ଜମିରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଇବା ପାଇଁ ସ୍ଥାନ ଚିହ୍ନଟ ହୋଇଥିଲା। ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ନଛିପୁର ଗ୍ରାମର ଜଣେ ବ୍ୟକ୍ତି ପ୍ରତିବାଦ କରିବା ସହ ଜମିଟି ତାଙ୍କ ପୈତୃକ ସମ୍ପତ୍ତି ବୋଲି ଦାବି କରିଥିଲେ। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କୁ ଜଣାଇବାରେ ଜମିର ମାଲିକାନା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ପଦ୍ମପୁର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତରେ ଜମିଟି ଗୋଚର ବୋଲି ଜଣାପଡିଥିଲା । ଶୁକ୍ରବାରେ ଉଭୟପକ୍ଷଙ୍କ ଦାବି ଓ କାଗଜପତ୍ର ତନଖି କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେବାରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ



### ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

**ଭୁବନେଶ୍ୱର,୩୧।୭(ବ୍ୟୁରୋ):** ଆମେରିକାର ବୋଷ୍ଟନ୍ ସହରରେ ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବରେ ଭାଗନେଇ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ 'ପିପୁଲ୍ସ ଚଏସ୍ ଆୱାର୍ଡ' ଲାଭ କରିଛନ୍ତି। ଭାରତ ସହ ସମଗ୍ର ଏସିଆ ମହାଦେଶରୁ ଏକମାତ୍ର ଶିଳ୍ପୀଭାବେ ପଟ୍ଟନାୟକ ଏଭଳି ସଫଳତା ହାସଲ କରିଥିବାବେଳେ ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଭାଗ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବୁଧବାର ମନ୍ତ୍ରୀ ପାଣିଗ୍ରାହୀ ନିଜ ବିଧାନସଭା ପ୍ରକୋଷ୍ଠରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ସୁଦର୍ଶନ ପଟ୍ଟନାୟକ ଓଡ଼ିଶାର ଗର୍ବ ଓ ଗୌରବ। ଓଡ଼ିଶା ବାଲୁକାକଳାକୁ ସେ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଯୁଗ୍ମ ସଚିବ ମନସ୍ୱିନୀ ସାହୁ ଓ ଲଳିତକଳା ଏକାଡେମୀର ପ୍ରୋଗ୍ରାମ ଅଫିସର ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ପୁରୀ ଅଫିସ, ୩୧।୭:** ପୁରୀ ସଦର ଥାନା ଅଧୀନ ମଙ୍ଗଳା ନଦୀରେ ମାଛ ଧରିବାକୁ ଯାଇ ଗୌଡ଼ବାଡ଼ ସାହିର ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ବୁଧବାର ମଙ୍ଗଳାଘାଟ ବ୍ରିଜ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଶିବୁ ମଣ୍ଡଳ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଙ୍ଗଳବାର ଶିବୁ ଦୁଇଜଣ ସାଙ୍ଗଙ୍କ ସହିତ ମାଛ ଧରିବା ଲାଗି ଯାଇଥିଲେ। ନଦୀ ପାର ହେବାବେଳେ ଦୁଇଜଣ ସାଙ୍ଗ ଆଗରେ ଚାଲିଯାଇଥିଲେ। ଶିବୁ ପଛରେ ରହି ଯାଇଥିଲେ। କିଛି ସମୟ ପରେ ଦୁଇ ସାଥି ବୁଲି ଦେଖିବା ବେଳକୁ ଶିବୁଙ୍କୁ ପାଇ ନ ଥିଲେ। ଏ ନେଇ ଦୁହେଁ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାରଠୁ ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଶିବୁଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ବୁଧବାର ମଙ୍ଗଳା ନଦୀରେ ଖୋଜାଖୋଜି ବେଳେ ତାଙ୍କ ମୃତଦେହ ମିଳିଥିଲା।

### ବନ୍ଧୁକ ଦେଖାଇ ଲୁଟ୍

**ଗୋପ,୩୧।୭(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ନାଗପୁର ସାହିର ଜଣେ ସୁନା ବ୍ୟବସାୟୀଙ୍କ ଘରେ ମଙ୍ଗଳବାର ରାତିରେ କେତେକ ଦୁର୍ବୃତ୍ତ ପଶି ବନ୍ଧୁକ ଦେଖାଇ ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏହି ସାହିର ଜଣାଶୁଣା ସୁନା ବ୍ୟବସାୟୀ ମାଧବାନନ୍ଦ ସାହୁ ଘରେ ଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ୪-୫ ଜଣ ଦୁର୍ବୃତ୍ତ ତାଙ୍କ ଘର ଛାତ ଉପର ଦେଇ ଘରକୁ ପ୍ରବେଶ କରିଥିଲେ। ଘରେ ପଶିବା ପରେ ମାଧବାନନ୍ଦଙ୍କ ନିକଟରେ ଥିବା ବନ୍ଧୁକ ନେଇ ତାଙ୍କ ମୁଣ୍ଡରେ ଲଗାଇ ଦୁର୍ବୃତ୍ତମାନେ ଘରର ଟ୍ରେଜେରି ଚାବି ମାଗିଥିଲେ। ପରେ ସେମାନେ ଟ୍ରେଜେରିରେ ଥିବା ୪୦୦ ଗ୍ରାମ୍‌ରୁ ଊର୍ଦ୍ଧ୍ୱ ସୁନା, ଏକ କିଲୋ ରୂପା ସହ ନଗଦ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ପଳାଇ ଯାଇଥିଲେ। ଏହି ଡକାୟତି ଘଟଣା ପରେ ଶ୍ରୀ ସାହୁ ଥାନାକୁ ଫୋନ୍ କରିଥିଲେ ମଧ୍ୟ ଥାନାରେ କେହି ଫୋନ୍ ଉଠାଇ ନ ଥିଲେ। ବୁଧବାର ସକାଳୁ ମାଧବାନନ୍ଦ ସାହୁ ଗୋପ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ନଂ ୯୯/୧୯ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ଗୋପ ଥାନା ଅଞ୍ଚଳରେ ଏକ ସପ୍ତାହ ମଧ୍ୟରେ ବାରମ୍ବାର ଚୋରି ଡକାୟତି ଯୋଗୁ ରାତ୍ରି ପାଟ୍ରୋଲିଂ କରିବା ଲାଗି ଦାବି ହେଉଥିବାବେଳେ କେବଳ କେତେକ ଗୃହରକ୍ଷୀଙ୍କୁ ଦାୟିତ୍ୱ ଦିଆଯାଉଥିବାରୁ ଜନସାଧାରଣ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି।

# ଫନୀରେ ଭାଙ୍ଗିଛି ୨୦,୨୦୭ ଘର

**ଗୋପ ବ୍ଲକ୍**
- ୧୫,୮୭୧ ଜଣଙ୍କୁ ମିଳିଛି ସହାୟତା
- ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତଙ୍କୁ ମିଳିନି ପ୍ରାପ୍ୟ

**ଗୋପ,୩୧।୭(ଡି.ଏନ୍.ଏ.)**

ଫନୀକୁ ୮୭ଦିନ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସଳଖି ପାରିନାହାନ୍ତି ଗୋପ ଅଞ୍ଚଳବାସୀ। ପୂରା ଘର ଭାଙ୍ଗିଥିବା ବିପନ୍ନଙ୍କୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୧୦ହଜାର ଟଙ୍କା ଦେଇ ବସିଯାଇଛନ୍ତି। ସମ୍ପୂର୍ଣ୍ଣ ପ୍ରାପ୍ୟ ନ ମିଳିବାରୁ ଶହ ଶହ ବିପନ୍ନ ଖୋଲା ଆକାଶ ତଳେ ଖରା ବର୍ଷାରେ ପଡ଼ିରହିଛନ୍ତି।

ସୂଚନା ଅନୁଯାୟୀ, ବାତ୍ୟା ଫନୀରେ ଏହି ବ୍ଲକର କ୍ଷତିଗ୍ରସ୍ତ ବିପନ୍ନଙ୍କୁ ଗୋପ ତହସିଲ ପକ୍ଷରୁ ୧୫,୮୭୧ଜଣ ବ୍ୟକ୍ତିଙ୍କୁ ଘରଭଙ୍ଗା ସହାୟତା ଦିଆଯାଇଛି। ସେହିପରି କୁଡ଼ିଆ ଘର ଓ ଗୁହାଳ ଘର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ଏଯାବତ ସହାୟତା ରାଶି ମିଳି ନ ଥିବା ଜଣାପଡ଼ିଛି। ଗୋପ ବ୍ଲକ୍‌ରେ ବାତ୍ୟା ଯୋଗୁ ୨୦ହଜାର୨୦୭ଟି ଘର ଭାଙ୍ଗିଥିବା ସରକାରୀ ଭାବେ ଜଣାପଡ଼ିଥିବାବେଳେ ବାସ୍ତବରେ ୪୦ ହଜାରରୁ ଅଧିକ ଘର ଭାଙ୍ଗିଛି। ସରକାରଙ୍କ ପକ୍ଷରୁ ଚାଳ ଛପର ଘର ଆଂଶିକ କ୍ଷତିଗ୍ରସ୍ତ ପାଇଁ ୩୨୦୦/୫୨୦୦ ଟଙ୍କା ସହାୟତା ରାଶି, ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ପାଇଁ ୯୫,୧୦୦ ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି। ସେହିପରି ପକ୍କାଘର ଅଧିକାଂଶ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ପାଇଁ ମଧ୍ୟ ୯୫,୧୦୦ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। କୁଡ଼ିଆ ଘର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ୪,୧୦୦ଟଙ୍କା ଓ ଗୁହାଳ ଘର କ୍ଷତିଗ୍ରସ୍ତ ପାଇଁ ୨,୧୦୦ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏହି ବ୍ଲକ୍‌ରେ ୩୧ଟି ପଞ୍ଚାୟତରେ ୧୧୫୩୧ଟି ଚାଳଘର ଆଂଶିକ ଓ ୧୮୩୩ଟି ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ୭୬ଟି ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିବା ସରକାରୀ ରିପୋର୍ଟରୁ ଜଣାପଡିଛି। ସେହିଭଳି ୩୮୪୬ଟି ପକ୍କାଘର ଆଂଶିକ ଓ ୧୯ଟି ପକ୍କାଘର ଅଧିକାଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ କୌଣସି ପକ୍କାଘର ସମ୍ପୂର୍ଣ୍ଣ ଭାଙ୍ଗି ନ ଥିବା ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ୫୯୦ଟି କୁଡ଼ିଆ ଘର ଓ ୨୩୧୨ଟି ଗୁହାଳ ଘର ଭାଙ୍ଗି ପଡ଼ିଥିବା ଗୋପ ତହସିଲ କାର୍ଯ୍ୟାଳୟରୁ ଜଣାପଡ଼ିଛି। ମଙ୍ଗଳବାର ସୁଦ୍ଧା ଗୋପ ବ୍ଲକ୍‌ରେ ୧୫,୮୭୧ଜଣ ହିତାଧିକାରୀଙ୍କୁ ୬ କୋଟି ୮୯ ଲକ୍ଷ ୩୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଅଧିକାଂଶ ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଗୃହଗୁଡ଼ିକ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ପୁନଃ ତଦନ୍ତ କରାଯାଉଥିବାବେଳେ ଏପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗୁହାଳ ଭାଙ୍ଗିଥିବା ଓ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ବିପନ୍ନମାନେ ସରକାରୀ ସହାୟତାକୁ ଚାହିଁ ବସିଥିବାବେଳେ ସେମାନଙ୍କୁ ସହାୟତା ନ ମିଳିବା ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋପ ତହସିଲଦାର ପୃଥ୍ୱିରାଜ ମଣ୍ଡଳ କୁହନ୍ତି, ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୧୫୮୭୧ ଜଣଙ୍କୁ ସହାୟତା ରାଶି ଦିଆଯାଇଛି। ଖୁବଶୀଘ୍ର ବାକିଥିବା ସମସ୍ତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ।



ଶ୍ରୀମନ୍ଦିର ସମ୍ମୁଖ ନୋ ପାର୍କିଂ ଜୋନ୍‌ରେ ବୁଧବାର ଏକ ଭିଆଇପି ଗାଡି ପାର୍କିଂ କରାଯାଇଛି।

## ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଲେ ଅଧିକାରୀ

**ବ୍ଲୁ ଫ୍ଲାଗ ବିଚ୍**

**ପୁରୀ ଅଫିସ, ୩୧।୭**

ପୁରୀ ବେଳାଭୂମିକୁ ମିଳିଛି ବ୍ଲୁ ଫ୍ଲାଗ ପାଇଲଟ୍ ମାନ୍ୟତା। ଗାନ୍ଧୀ ଘାଟଠାରୁ ମେ' ଫେୟାର ପର୍ଯ୍ୟନ୍ତ ବେଳାଭୂମିକୁ ଏହି ମାନ୍ୟତା ଦିଆଯାଇଛି। ବୁଧବାର ଜିଲାପାଳ ବଲୱନ୍ତ ସିଂ, ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍‌ଏମ୍‌ପି) ନିର୍ଦ୍ଦେଶକ ସୁଶାନ୍ତ କୁମାର ନନ୍ଦ, ଠିକାସଂସ୍ଥାର ଇଞ୍ଜିନିୟର ଏବଂ ଅନ୍ୟ ଅଧିକାରୀମାନେ ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଛନ୍ତି। ଏଠାରେ ପର୍ଯ୍ୟଟକଙ୍କ ଲାଗି ଅନ୍ତର୍ଜାତୀୟସ୍ତରର ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ହେବ। ରବିବାରଠାରୁ ଏହାର ବାଉଣ୍ଡାରୀ କାମ ଆରମ୍ଭ ହେବ । ବାଙ୍ଗାଲୋରର ଏକ ସଂସ୍ଥାକୁ ଏହାର କାମ ଦିଆଯାଇଛି।

ବିଶେଷକରି ସୁରକ୍ଷିତ ଗାଧୁଆ ସ୍ଥାନ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସୁବିଧା, ଆଶୁ ଚିକିତ୍ସା, ସିସିଟିଭି, ୨୪ଘଣ୍ଟିଆ ସୁରକ୍ଷା, ପାନୀୟଜଳ, ମହିଳା ଓ ପୁରୁଷଙ୍କ ଲାଗି ପୃଥକ୍ ଶୌଚାଳୟ ଓ ପୋଷାକ ପରିବର୍ତ୍ତନ ଗୃହ, ପର୍ଯ୍ୟଟକଙ୍କ ଲାଗି କାଠ ଚୌକି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୋଲାର ପ୍ଲାଣ୍ଟ ଆଦି କେଉଁ ଜାଗାରେ କରାଯିବ ତାହା ଜିଲାପାଳଙ୍କ ଉପସ୍ଥିତିରେ ଚିହ୍ନଟ କରାଯାଇଥିଲା। ରବିବାରଠାରୁ କାମ ଆରମ୍ଭ କରି ଶୀଘ୍ର ଶେଷ କରିବା ଲାଗି ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ମୋଟାମୋଟି ପରିବେଶଭିତ୍ତିକ ପ୍ରକଳ୍ପ କାମ ହେବ। କୌଣସି ସ୍ଥାୟୀ ନିର୍ମାଣ ହୋଇପାରିବ ନାହିଁ। ଅନେକ କାମ ବାହାରୁ ତିଆରି ହୋଇ କେବଳ ଏଠାରେ ଆସି ସେଟ୍ କରାଯିବ। ଏଠାରେ ସବୁ ବର୍ଗର ଲୋକଙ୍କ ପାଇଁ ସୁବିଧା ସୁଯୋଗ ରହିବ। ଏଥିପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। କେନ୍ଦ୍ର ସରକାର ୮୦ ପ୍ରତିଶତ ଏବଂ ରାଜ୍ୟ ସରକାର ୨୦ ପ୍ରତିଶତ ଅର୍ଥ ବହନ କରିବେ।

## କେଲୁଣୀ ମୁହାଣ ଖୋଲିଲେ ଗ୍ରାମବାସୀ

**କାକଟପୁର,୩୧।୭(ଡି.ଏନ୍.ଏ.)**

ଅସ୍ତରଙ୍ଗ ଉପକୂଳର କେଲୁଣୀ ମୁହାଣ ବନ୍ଦ ହୋଇଯାଇଥିବାରୁ ପ୍ରାଚୀ ଓ କାଦୁଆଁ ନଦୀର ପାଣି ଠିକ୍ ଭାବେ ସମୁଦ୍ରକୁ ନିଷ୍କାସନ ହୋଇପାରୁ ନ ଥିଲା। ଫଳରେ ମୁହାଁଣ ନିକଟବର୍ତ୍ତି ତଣ୍ଡାହାର, ଛେନୁ, ଉଦୟକଣି, କଟକଣା, ବାଘଡିଆ ଗ୍ରାମ ଚାରିପାଖରେ ପାଣି ମାଡିଯାଇ ଗାଁଗୁଡିକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରିଦେଇଥିଲା। ଏ ସମ୍ପର୍କରେ ବୁଧବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଜେସିବି ଯୋଗାଇଦିଆଯାଇଥିଲା। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକ ମୁହାଣ ଖନନ କରିଥିଲେ। ପ୍ରାୟ ୩୦ମିଟରର ଓସାରର ଅପରାହ୍ନ ୩ଟା ରେ ମୁହାଁଣ ମୁହଁ ଖୋଲିବା ପରେ ପାଣି ସମୁଦ୍ରକୁ ନିଷ୍କାସିତ ହୋଇଥିଲା। ଆଗାମୀ ଦୁଇ ଦିନ ମଧ୍ୟରେ ବନ୍ୟା ପରିସ୍ଥିତି ଟଳିଯିବ ବୋଲି ତଣ୍ଡାହାର ଗ୍ରାମର ସୁବାସ ପ୍ରଧାନ, ବିଚିକାଳିଆ ପ୍ରମୁଖ କହିଛନ୍ତି। ପ୍ରତିବର୍ଷ କେଲୁଣି ମୁହାଣ ପୋତିହେବାରୁ ଉକ୍ତ ୫ଗ୍ରାମ ସମେତ କାକଟପୁର ବ୍ଲକର କାଦୁଆନୂଆଗାଁ, ଅବଦାନ, ବାଙ୍ଗୁରିଗାଁ, ନାଶିକେଶ୍ୱର, ଅସ୍ତରଙ୍ଗ ବ୍ଲକର ପାଟଳଦା, ଶେରଣା, ଛୁରିଅନା ଆଦି ପଞ୍ଚାୟତରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଡ୍ରେନେଜ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ପାଁ ସାଧାରଣରେ ଦାବି ହେଉଛି।



ଲୋକେ କେଲୁଣୀ ମୁହାଁଣକୁ ଖୋଳୁଛନ୍ତି।

### ପଟ୍ଟନାୟିକିଆ ଟ୍ରିପଲ ମର୍ଡର ଘଟଣା
## ଆଉ ଜଣେ ଅଭିଯୁକ୍ତ ଗିରଫ

**ସାକ୍ଷୀଗୋପାଳ,୩୧।୭(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ପଟ୍ଟନାୟିକିଆ ଛକ ଟ୍ରିପଲ ମର୍ଡର ଘଟଣାରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ସଦାନନ୍ଦପୁର ଗ୍ରାମର ଚରଣ ବେହେରା। ଏହା ସହ ନିକଟସ୍ଥ ଏକ ଜଙ୍ଗଲରୁ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ପୋଲିସ ଜବତ କରିଛି। ଆସନ୍ତାକାଲି ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି। ସୂଚନାଥାଉକି, ଗତ ୧୪ତାରିଖରେ ଅଭିଯୁକ୍ତମାନେ ସଦାନନ୍ଦପୁର ଗ୍ରାମର ତିନି ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା ଓ ପଞ୍ଚୁଆ ବେହେରାଙ୍କୁ ଗୋଡାଇ ଗୋଡାଇ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୪ଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

## ଶିଖ୍ ଇତିହାସର ଓଡ଼ିଆ ଅନୁବାଦ ଲୋକାର୍ପିତ



ପୁରୀ ଗୁରୁଦ୍ୱାରଠାରେ ଶିଖ୍ ଇତିହାସର ଓଡ଼ିଆ ଅନୁବାଦ ପୁସ୍ତକ 'ସୁରଜ ପ୍ରକାଶ'କୁ ଉନ୍ମୋଚନ କରାଯାଉଛି।

**ପୁରୀ ଅଫିସ, ୩୧।୭**

ଶିଖ୍‌ମାନଙ୍କ ଗୌରବମୟ ଇତିହାସ ସମ୍ପର୍କରେ ଓଡ଼ିଆ ଭାଷାରେ ପ୍ରଥମ କରି ଅନୁବାଦ ପୁସ୍ତକ ପ୍ରକାଶ ପାଇଛି। ଶିଖ୍‌ମାନଙ୍କ ସମ୍ପର୍କରେ ଓଡ଼ିଶାବାସୀ ଜାଣିବାରେ ଏହା ବେଶ୍ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ଜ୍ଞାନୀ ଅମର ସିଂହଙ୍କ ଦ୍ୱାରା ରଚିତ ଏହି ପୁସ୍ତକକୁ ସାଧିକା ସାଧନା ପତ୍ରୀ ଅନୁବାଦ କରିଛନ୍ତି। ଏହି ଅନୁବାଦ ପୁସ୍ତକକୁ ବୁଧବାର ପୁରୀ ଗୁରୁଦ୍ୱାରଠାରେ ବାବା ସମ୍‌ଶେର ସିଂହ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ସାଧନାଙ୍କ ଏଭଳି ଉଦ୍ୟମକୁ ପ୍ରଂଶସା କରିଥିଲେ। ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ, ସହସମ୍ପାଦକ ଆଇନଜୀବୀ ବିଶ୍ୱଜିତ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜ୍ଞାନୀ ନାରାୟଣ ସିଂହଜୀଙ୍କ ଦ୍ୱାରା ରଚିତ 'ସୂରଜ ପ୍ରକାଶ'ର ଓଡ଼ିଆ ଅନୁବାଦିତ ପୁସ୍ତକକୁ ବାବା ସମ୍‌ଶେର ସିଂହ ଲୋକାର୍ପିତ କରିଥିଲେ। ଏହି ପୁସ୍ତକର ମଧ୍ୟ ଓଡ଼ିଆ ଅନୁବାଦ କରିଛନ୍ତି ପତ୍ରୀ। ଓଡ଼ିଆ ଭାଷାରେ ପ୍ରଥମ ଥର ଲାଗି ୧୦ଜଣ ଗୁରୁଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ସୂରଜ ପ୍ରକାଶ' ଅତି ଉଚ୍ଚକୋଟୀର ହୋଇଛି ବୋଲି ଡ. ମିଶ୍ର କହିଛନ୍ତି। ସେହିପରି ଏକ ବ୍ୟାଖ୍ୟା ଗ୍ରନ୍ଥ ପ୍ରକାଶ ପାଇଛି। ଏଥିରେ ୧୪ଟି ବାଣୀର ଓଡ଼ିଆ ଅନୁବାଦ ରହିଛି। ସନ୍ଧ୍ୟା ଦାସ, ଅବତାର କୌର, ଦୀପକ କୁମାର ପଟ୍ଟନାୟକ ପ୍ରମୁଖ ପୁସ୍ତକ ଉପରେ ନିଜ ମନ୍ତବ୍ୟ ରଖିଥିଲେ।

### 'ଜାତୀୟ ରାଜପଥକାମ ଅକ୍ଟୋବର ସୁଦ୍ଧା ଶେଷ କର'

**ପୁରୀ ଅଫିସ, ୩୧।୭**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବାକି ଥିବା କାମ ସମ୍ପର୍କରେ ବୁଧବାର ଜିଲାପାଳ ବଲୱନ୍ତ ସିଂ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି। ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଅବଶିଷ୍ଟ କାମ ଶେଷ କରିବା ଲାଗି ଜିଲାପାଳ କହିଛନ୍ତି। ମଙ୍ଗଳା ଘାଟଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ସାଢେ ୫ କିମି ରାସ୍ତା କାମକୁ ତ୍ୱରାନ୍ୱିତ କରାଯିବ। ମଙ୍ଗଳା ଘାଟ ନିକଟ ରାସ୍ତାରେ ମାଟି ପକାଇବା କାର୍ଯ୍ୟ ବାକିଥିବାବେଳେ ପିଚୁ କାମ ଆସନ୍ତା ୧୪ଦିନ ମଧ୍ୟରେ ଶେଷ ହେବ। ମଙ୍ଗଳା ଘାଟରୁ ଷ୍ଟର୍ଲିଂ ଆଡ଼କୁ ବାଲି ପକାଇବା କାମ ବାକି ରହିଛି। ବାଲି, ମୋରମ ଆଣିବାବେଳେ ସ୍ଥାନୀୟ ତହସିଲଦାର ଓ ଥାନାଧିକାରୀ ସହଯୋଗ ଯୋଗାଇଦେବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ଡି.ପି. ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅତିଥି ଅଧ୍ୟାପକ ଚୟନରେ ଅନିୟମିତତା

**ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ପତ୍ର**

**ପୁରୀ ଅଫିସ, ୩୧।୭**

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପକ ଚୟନରେ ବ୍ୟାପକ ଅନିୟମିତତା ଓ ଆର୍ଥିକ କାରବାର ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିରେ ବୁଧବାର ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ଦିଆଯାଇଛି। ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା କେତେଜଣ ଅଧ୍ୟାପିକା ଅଧ୍ୟାପକ ଏଭଳି ଗୁରୁତର ଅଭିଯୋଗ ଆଣି ତଦନ୍ତ ନିମନ୍ତେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ପତ୍ରରେ ଦର୍ଶାଯାଇଛି, ଗତ ଜୁନ ୨୬ରୁ ଜୁଲାଇ ୨ତାରିଖ ପର୍ଯ୍ୟନ୍ତ ୧୫ଟି ବିଭାଗରେ ଅତିଥି ଅଧ୍ୟାପକ ପଦବୀ ଲାଗି ଚୟନ (ଇଣ୍ଟରଭ୍ୟୁ) ହୋଇଥିଲା। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ଭାଗ ନେଇଥିଲେ। ତେବେ ଏହି ଚୟନରେ ବ୍ୟାପକ ଦୁର୍ନୀତି ହୋଇଛି। ଆର୍ଥିକ କାରବାର ସହ ପ୍ରିୟାପ୍ରୀତି ତୋଷଣ କରାଯାଇଛି। ବହୁ ଅଭିଜ୍ଞ ଓ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଉପେକ୍ଷା କରାଯାଇଛି। ବିଭିନ୍ନ ବିଭାଗରେ ଅଭିଜ୍ଞ ଓ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦିଆଯାଇ ଅନଭିଜ୍ଞ ଏବଂ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି। ଅନିୟମିତତା ପଛରେ ଏହି କଲେଜର କେତେଜଣ ଅଧ୍ୟାପକଙ୍କ ହାତ ରହିଛି। ପୂର୍ବରୁ ୨୦୧୮-୧୯ ଶିକ୍ଷାବର୍ଷରେ ଏଠାରେ ଅତିଥି ଅଧ୍ୟାପକ ଭାବେ ଦାୟିତ୍ୱ ତୁଲାଇଥିବା ବ୍ୟକ୍ତିଙ୍କୁ ଚୟନ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏଥିଯୋଗୁ ଏହାକୁ ତୁରନ୍ତ ରଦ୍ଦ କରାଯିବା ସହ ପୁନଃ ଚୟନ ଲାଗି କେତେଜଣ ଅଧ୍ୟାପିକା ଅଧ୍ୟାପକ ଦାବି କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧକ୍ଷା ଅଞ୍ଜନୀ କୁମାରୀ ଶୁକ୍ଲାଙ୍କ ପ୍ରତିକ୍ରିୟା ପାଇଁ ତାଙ୍କ ମୋବାଇଲକୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

### ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲେ ଛାତ୍ରୀ

ଅତିଥି ଅଧ୍ୟାପକ ଚୟନରେ ଅନିୟମିତତା ନେଇ ଛାତ୍ରୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କେତେଜଣ ଛାତ୍ରୀ ଏ ସଂକ୍ରାନ୍ତରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସମସ୍ତ ଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ସେମାନେ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଭିଜ୍ଞ ଅଧ୍ୟାପକଙ୍କୁ ବାଦ୍ ଦେବା ଦ୍ୱାରା କଲେଜର ଗୁଣାତ୍ମକ ଶିକ୍ଷାଦାନ ଓ ଶୈକ୍ଷିକ ବାତାବରଣ ନଷ୍ଟ ହେବ। ପାଠପଢାରେ ମଧ୍ୟ ବ୍ୟାଘାତ ଘଟିବ। ଏ ସମ୍ପର୍କରେ ଅଧକ୍ଷାଙ୍କୁ ବାରମ୍ବାର ଅଭିଯୋଗ ଜଣାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ବିଧାୟକ ନିଜେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସେମାନେ ନିବେଦନ ଜଣାଇଛନ୍ତି। ଅନ୍ୟପକ୍ଷେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, କେତେଜଣ ଛାତ୍ରୀ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ପ୍ରସଙ୍ଗ ନେଇ କଲେଜ ଅଧକ୍ଷାଙ୍କ ସହିତ ଆଲୋଚନା କରିବି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ ପ୍ରକାଶ କରିଛନ୍ତି।

## ନୀଳାଚଳ ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ପୁରୀ ଅଫିସ, ୩୧।୭**

ନୀଳାଚଳ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ବୁଧବାର ପ୍ରମୋଦ କନ୍‌ଭେନଶନଠାରେ ଅନୁଷ୍ଠିତ ହୋଇଯାଇଛି। ଆର୍‌ଆଇ ଜିଲା ୩୨୬୨ର ଆଗାମୀ ଗଭର୍ନର ସୌମ୍ୟରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଜି ରୋଟାରିଆନ ଅଜିତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ବର୍ଷ ପାଇଁ ସଭାପତି ସିଏସ୍ ବିମଳ ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ସିଏସ୍ ବିଶ୍ୱଜିତ ମହାପାତ୍ରଙ୍କୁ ମୁଖ୍ୟ ଅତିଥି ଶପଥପାଠ କରାଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଗୁରୁ ହରିହର ସିଂ ଓ ବ୍ରଜବନ୍ଧୁ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ପୂର୍ବତନ ସଭାପତି ଇଂ. ସତ୍ୟପ୍ରକାଶ ପଣ୍ଡା ପରିଚାଳନା କରିଥିଲେ। କ୍ଲବର ନୂତନ ସମ୍ପାଦକ ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ରୋଟାରିଆନ ରାଜପ୍ରତିମ ମହାପାତ୍ର, ସୁନୀଲ ମହାପାତ୍ର, ବଦ୍ରିନାରାୟଣ ମହାସୁଆର, ଗଣେଶ ମହାପାତ୍ର, ଚନ୍ଦନ ଜଗଦ୍ଦେବ, ଦୀପକ ସାହୁ, ଅଭିଷେକ ପଣ୍ଡା, ନୂତନ ଦାସମହାପାତ୍ର, ହରେକୃଷ୍ଣ ମହାପାତ୍ର, ସୁମନ୍ତ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ଦାବି

**କଣାସ,୩୧।୭(ସ୍ୱ.ପ୍ର.)**

ଫନୀରେ କ୍ଷତିଗ୍ରସ୍ତ କଣାସ ବ୍ଲକର ଚାଷୀ ଓ ମତ୍ସ୍ୟଜୀବୀଙ୍କୁ ତୁରନ୍ତ ସହାୟତା ପ୍ରଦାନ ଦାବିରେ ବୁଧବାର ପୁରୀ ଜିଲା ହିନ୍ଦୁସ୍ତାନ ନିର୍ମାଣ ଦଳ ପକ୍ଷରୁ କଣାସ ତହସିଲଦାର ଅନୀତା ପଣ୍ଡା ଓ ବିଡିଓ ପ୍ରତିଭା ସାହୁଙ୍କୁ ୩୦ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣାସ ବ୍ଲକର ୧୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଚିଲିକା ଓ ନଦୀରୁ ମାଛ ମାରି ପରିବାର ପୋଷଣ କରୁଥିଲେ। ଫନୀରେ ଡଙ୍ଗା ଓ ଜାଲ ନଷ୍ଟ ହୋଇଯାଇଥିବାରୁ ଏହାର ତଦନ୍ତ କରାଯାଇ ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା ଓ ଜାଲ ଯୋଗାଇଦେବା ପାଇଁ ଦାବି ହୋଇଛି। ହିନ୍ଦୁସ୍ତାନ ନିର୍ମାଣ ଦଳର ଜିଲା ସଂଯୋଜକ କୈଳାଶଚନ୍ଦ୍ର ବରାଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଓ ମତ୍ସ୍ୟଜୀବୀ ଦାବିପତ୍ର ଦେଇଥିଲେ।

## ଭାଙ୍ଗିପଡ଼ିଛି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି

- ୨ ମାସ ପରେ ବି ମରାମତି ହୋଇନି
- ପୂଜ୍ୟପୂଜା ପ୍ରତି ଅପମାନ



**ପୁରୀ ଅଫିସ, ୩୧।୭**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରତିଷ୍ଠା ହୋଇଥିବା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଏବେ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଏହା ପୂଜ୍ୟପୂଜା ପ୍ରତି ଅସମ୍ମାନ ହୋଇଥିବାବେଳେ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୋସିଆଲ ମିଡିଆରେ ଭଗ୍ନମୂର୍ତ୍ତି ଭାଇରାଲ ହୋଇଛି। ତୁରନ୍ତ ମୂର୍ତ୍ତି ସ୍ଥାପନ ଲାଗି ଦାବି କରାଯାଇଛି।

ସେହିପରି ଷ୍ଟେଶନ ବଜାରରେ ଘୋଡ଼ା ଉପରେ ଠିଆ ହୋଇଥିବା ଜୟୀ ରାଜଗୁରୁଙ୍କ ଫାଇବର ପ୍ରତିମୂର୍ତ୍ତି ଓଲଟି ପଡ଼ିଛି। ବର୍ତ୍ତମାନ ସୁଦ୍ଧା ଏହାର ପୁନରୁଦ୍ଧାର ହୋଇନାହିଁ। ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଜୟୀରାଜଗୁରୁ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ। ସ୍ୱାଧିନତା ଆନ୍ଦୋଳନରେ ପ୍ରଥମ ଶହୀଦ। ଭାରତୀୟ ମୁକ୍ତି ସଂଗ୍ରାମରେ ତାଙ୍କ ଅବଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏ ନେଇ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଛି। ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲା ମୁଖ୍ୟ ଚିକିତ୍ସାୟରେ ଦୀର୍ଘ ବର୍ଷ ଧରି ସେବ ଯୋଗାଇ ଆସୁଥିବା ସଖା ଅନୁଷ୍ଠାନ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ତ୍ରିପାଠୀ କହିଛନ୍ତି, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ ଦେଇ ଆମେ ସେବା ଆରମ୍ଭ କରିଥାଉ। ମାତ୍ର ଏବେ ମୂର୍ତ୍ତି ଭଗ୍ନ ଯୋଗୁ ଆମେ ପୂଜ୍ୟ ପୂଜା କରିପାରୁନାହୁଁ। ତୁରନ୍ତ ନୂତନ ପ୍ରତିମୂର୍ତ୍ତି ସ୍ଥାପନା କରାଯିବା ଉଚିତ। ଶିକ୍ଷାବିତ୍ ବିଶ୍ୱନାଥ ବେହେରା କହିଛନ୍ତି, ବାତ୍ୟାରେ ଭାଙ୍ଗିପଡ଼ିଥିବା ସବୁକିଛି ମରାମତି କରାଗଲା, ଅଥଚ ଗୋପବନ୍ଧୁ ଓ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ମରାମତି ହୋଇପାରିଲା ନାହିଁ। ଏ ନେଇ ଯୁବ ସଙ୍ଗଠକ ବିକ୍ରମ ନାୟକ ଟୁଇଟ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।